ବର୍ଷ-୨୪, ସଂଖ୍ୟା-୩୦୨
ଭୁବନେଶ୍ୱର
୦୬ ଡିସେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 302
Bhubaneswar
06 December, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସଚିନଙ୍କ ଫାଉଣ୍ଡେସନର ନିର୍ଦ୍ଦେଶକ ହେଲେ ଝିଅ ସାରା



# ଠିକ୍ ସମୟରେ ନ୍ୟାୟ ନମିଳିବା ଅନ୍ୟାୟ ସହିତ ସମାନ : ରାଷ୍ଟ୍ରପତି





## ଅତ୍ୟାଧୁନିକ ଅତ୍ୟାଧୁନିକ ଜୁଡିସିଆଲ୍ କୋର୍ଟ

ଭୁବନେଶ୍ୱର,୫।୧୨(ମହାଭାରତ):ରାଜ୍ୟର ପ୍ରଥମ ଅତ୍ୟାଧୁନିକ ଜୁଡିସିଆଲ୍ କୋର୍ଟ କଂପ୍ଲେକ୍ସ ଭାବେ ଖୋର୍ଦ୍ଧା ଜିଲ୍ଲା ନ୍ୟାୟିକ ପରିସର ନିର୍ମିତ ହୋଇଛି। ୪୬ ହଜାର ବର୍ଗ ମିଟର ପରିଧିରେ ଖର୍ଚ୍ଚ ହୋଇଛି ପ୍ରାୟ ୨୫୦ କୋଟି ଟଙ୍କା। ଏଥିରେ ରହିଛି ୪ଟି କରିଡର, ୫୫ଟି କୋର୍ଟ ରୁମ୍। ତା'ସହ ରହିଛି ରେକର୍ଡ ରୁମ, ଲାଇବ୍ରେରୀ, କନ୍‌ଫରେନ୍ସ ହଲ୍ ସାଙ୍ଗକୁ ବ୍ୟାଙ୍କ, ପୋଷ୍ଟ ଅଫିସ, ନୋଟାରୀ ରୁମ୍। କେବଳ ଏତିକି ନୁହେଁ, ଡିସ୍ପେନସାରୀ ସହ ଶିଶୁଙ୍କ ପାଇଁ ସ୍ତନ୍ୟପାନ କକ୍ଷ ଓ ବେବି କ୍ରେଚ ଭଳି ସୁବିଧା ରହିଛି। ଏଠାରେ ପୁରୁଣା କୋର୍ଟରେ ବାର ଆସୋସିଏସନ ଚାଲିବ।ପୁରୁଣାରୁ ନୂଆ କୋଠାକୁ ସଂଯୋଗ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କୋଠାରେ ଚାଲିପାରିବ ଏକାସଙ୍ଗେ ୫୬ଟି କୋର୍ଟ। ପୂର୍ବରୁ ବାହାରେ ଥିବା ଏଜୁକେସନ, ଇଣ୍ଡଷ୍ଟ୍ରିଆଲ, ଲେବର ଏବଂ କୋଅପରେଟିଭ୍ ଭଳି ଟ୍ରିବ୍ୟୁନାଲ ଏହି ବିଲଡିଂରେ ରହିବ। ବିଲ୍ଡିଂରେ ମୋଟ୍ ୯ ଲିଫ୍ଟ ରହିଛି। ୫ଟି ସାଧାରଣ ଲୋକଙ୍କ ପାଇଁ, ୪ଟି ବିଚାରପତିଙ୍କ ପାଇଁ। ଏହାବ୍ୟତୀତ ସାଧାରଣ ଜନତାଙ୍କ ପାଇଁ ବିଶ୍ରାମାଗାର ସହ ସୂଚନା ନିମନ୍ତେ ବଡ଼ ବଡ଼ ଏଲ୍‌ଇଡି ବ୍ୟବସ୍ଥା କରାଯାଇଛି।୬ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ ନାଲି କୋଠା ଦ୍ୱାରା କେବଳ ଯେ ଓକିଲ ମହକିଲ ସୁବିଧା ପାଇବେ ତା' ନୁହେଁ ଗ୍ରାଉଣ୍ଡ ଫ୍ଲୋର ସହ ଅଣ୍ଡରଗ୍ରାଉଣ୍ଡ ଡବଲ ଷ୍ଟୋରେଜ ପାର୍କିଂ ବ୍ୟବସ୍ଥା ଯୋଗୁ, ଦୂର ହେବ ପାର୍କିଂ ସମସ୍ୟା। ଏଠାରେ ୪୫୦ କାର ଓ ୧ ହଜାର ଟୁ-ହ୍ୱିଲର ରହିପାରିବ। କୋର୍ଟ କଂପ୍ଲେକ୍ସଟି ସଂପୂର୍ଣ୍ଣ ସିସିଟିଭି ଘେରରେ ରହିଛି।

ଭୁବନେଶ୍ୱର,୫।୧୨(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରଠାରେ ରାଜ୍ୟର ପ୍ରଥମ ଅତ୍ୟାଧୁନିକ ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ, ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କ ଉପସ୍ଥିତିରେ ଏହି କମ୍ପ୍ଲେକ୍ସର ଲୋକାର୍ପଣ କରିଛନ୍ତି ରାଷ୍ଟ୍ରପତି। ପରେ ଅଭିଭାଷଣ ରଖି ସାଧାରଣ ଜନତାଙ୍କ ତ୍ୱରିତ ନ୍ୟାୟ ଓ ନ୍ୟାୟିକ ସାକ୍ଷରତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଠିକ୍ ସମୟରେ ନ୍ୟାୟ ନମିଳିବା ଅନ୍ୟାୟ ସହିତ ସମାନ। ବିଚାର ପ୍ରକ୍ରିୟା ସ୍ଥଗିତ ରଖାଯିବା ସଂସ୍କୃତି ଯୋଗୁଁ ଗରିବମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ବାରମ୍ବାର ଅଦାଳତକୁ ଆସିବା ପାଇଁ ସେମାନଙ୍କ ପାଖରେ ଅର୍ଥ କିମ୍ବା ମାନବ ସମ୍ବଳ ନାହିଁ। ସମସ୍ତ ଅଂଶୀଦାରମାନେ ସାଧାରଣ ଲୋକଙ୍କ ସ୍ୱାର୍ଥରେ ସ୍ଥଗିତ ରଖାଯିବାର ସଂସ୍କୃତିକୁ ଏଡ଼ାଇବା ପାଇଁ ଏକ ଉପାୟ ଖୋଜିବା ପାଇଁ ପ୍ରାଥମିକତା ଦେବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ, ଭାଷା ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଏକ ପ୍ରତିବନ୍ଧକ ଓକିଲ ସେମାନଙ୍କ ସପକ୍ଷରେ କ'ଣ ଯୁକ୍ତି କରୁଛନ୍ତି କିମ୍ବା ବିଚାରପତି କ'ଣ ରାୟ ଦେଉଛନ୍ତି ତାହା ସେମାନେ ବୁଝିପାରନ୍ତି ନାହିଁ। ନ୍ୟାୟାଳୟଙ୍କ ରାୟଗୁଡ଼ିକ ବର୍ତ୍ତମାନ ଓଡ଼ିଆ ଏବଂ ସାନ୍ତାଳୀ ଭାଷାରେ ଅନୁବାଦ କରାଯାଉଛି ଏବଂ ଏହି ଅନୁବାଦିତ ରାୟଗୁଡ଼ିକ ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ୱେବସାଇଟରେ ଉପଲବ୍ଧ ବୋଲି ଜାଣି ରାଷ୍ଟ୍ରପତି ଖୁସି ହୋଇଥିଲେ।ରାଷ୍ଟ୍ରପତି କହିଥିଲେ ଯେ ଆଜି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ଅନ୍ୟ କ୍ଷେତ୍ର ଭଳି ନ୍ୟାୟପାଳିକାରେ ମଧ୍ୟ ମହିଳାଙ୍କ ଭାଗିଦାରୀ ବଢ଼ୁଛି। ବର୍ତ୍ତମାନ ଓଡ଼ିଶା ନ୍ୟାୟିକ ସେବାରେ ୪୮% ମହିଳା ଅଧିକାରୀ ରହିଥିବା ସେ ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ ମହିଳା ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ।ରାଷ୍ଟ୍ରପତି କହିଥିଲେ ଯେ, ସାଧାରଣ ନାଗରିକମାନେ କିପରି ବିନା ଭୟରେ ନ୍ୟାୟିକ ବ୍ୟବସ୍ଥା ସହିତ ଯୋଗାଯୋଗ କରିପାରିବେ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅଧିକାଂଶ ସମୟରେ ଲୋକମାନେ ଓକିଲ ଓ ବିଚାରପତିଙ୍କ ସମ୍ମୁଖରେ ଭୟଭୀତ ହୋଇଯାଆନ୍ତି। ଅଦାଲତରେ ଏକ ସମ୍ବେଦନଶୀଳ ବାତାବରଣ ରହିବା ଜରୁରୀ। ଯାହାଦ୍ୱାରା ସେମାନେ ମୁକ୍ତ ଭାବରେ ନିଜକୁ ପ୍ରକାଶ କରିପାରିବେ।

ବର୍ତ୍ତମାନ ଏବଂ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ପାଇଁ ନୂତନ ଅଦାଲତ ପରିସରକୁ ଡିଜାଇନ୍ କରାଯାଇଥିବା ଦର୍ଶାଇ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ସେ କହିଥିଲେ, ଏଥିରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଉଛି। କୋର୍ଟ ପରିସରରେ ଆଧୁନିକ ସୁବିଧା ନ୍ୟାୟିକ କ୍ଷେତ୍ରରେ ସୁରୁଖୁରୁରେ କାମ କରିବାରେ ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ।

## ପ୍ରୋବା-୩ର ସଫଳ ଉତ୍କ୍ଷେପଣ

**ନୂଆଦିଲ୍ଲୀ,୫।୧୨(ମହାଭାରତ):** ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋକୁ ଆଉ ଏକ ସଫଳତା ମିଳିଛି। ପ୍ରୋବା-୩ ମିଶନକୁ ସଫଳତାର ସହ ଲଞ୍ଚ କରିଛି ଇସ୍ରୋ। ଆଜି ଆନ୍ଧ୍ର ପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ ସ୍ପେଶ ଷ୍ଟେସନରୁ ଅପରାହ୍ନ ୪ଟା ୪ ମିନିଟରେ ଲଞ୍ଚ ହୋଇଛି ଏହି ମିଶନ। ପ୍ରୋବା- ୩ ହେଉଛି ୟୁରୋପୀୟ ମହାକାଶ ସଂସ୍ଥା (ଇଶା)ର ସୋଲାର ମିଶନ ବା ସେର ମିଶନ। ଯାହା ସୂର୍ଯ୍ୟଙ୍କ ରହସ୍ୟ ଜାଣିବାରେ ବୈଜ୍ଞାନିକଙ୍କୁ ସାହାଯ୍ୟ କରିବ। ପୂର୍ବରୁ ଏହି ସିରିଜର ପ୍ରଥମ ସୋଲାର ମିଶନ ୨୦୦୧ରେ ଇସ୍ରୋ ହିଁ ଲଞ୍ଚ କରିଥିଲା।

ପ୍ରୋବା-୩ ମିଶନକୁ ପିଏସ୍‌ଏଲଭି-ସି ୫୯ ରକେଟ୍ ଯୋଗେ ସଫଳତାର ସହ ଲଞ୍ଚ କରାଯାଇଥିବାବେଳେ ଏହା ନିଜ ସହ ଦୁଇଟି ଉପଗ୍ରହ ମଧ୍ୟ ନେଇଛି, ଯାହା ସୂର୍ଯ୍ୟଙ୍କ କରୋନାର ଅଧ୍ୟୟନ କରିବୟ ପୂର୍ବରୁ ଏହି ମିଶନ ବୁଧବାର ଲଞ୍ଚ ହେବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତ ଯାନ୍ତ୍ରିକ ତ୍ରୁଟି କାରଣରୁ ଲଞ୍ଚିଂକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା।

ପ୍ରୋବା-୩ ମିଶନରେ ୟୁରୋପୀୟ ସ୍ପେଶ ଏଜେନ୍ସୀ ଏହାର ଦୁଇଟି ସାଟେଲାଇଟ ପଠାଇଛି, ଯାହାକୁ ଇଟାଲୀ, ସ୍ପେନ, ବେଲଜିୟନ, ସ୍ୱିଜରଲ୍ୟାଣ୍ଡ ଏବଂ ପୋଲାଣ୍ଡ ଭଳି ଦେଶର ସହଭାଗିତାରେ ତିଆରି କରାଯାଇଛି।

## ଦେବଗଡ଼ ଏବଂ କେନ୍ଦୁଝର ଜିଲ୍ଲାରେ ସୁନା ଖଣି ସନ୍ଧାନ

ଭୁବନେଶ୍ୱର,୫।୧୨(**ମହାଭାରତ**): ଦେବଗଡ଼ ଜିଲ୍ଲାର ଆଡ଼ାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ସୁନା ଖଣିର ସନ୍ଧାନ ମିଳିଥିବା ନେଇ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହା କହିଛନ୍ତି ଖଣି ଓଇସ୍ପାତ ମନ୍ତ୍ରୀ।

ଦେବଗଡ଼ ଜିଲ୍ଲାର ଆଡାସ ରାମପଲ୍ଲୀ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି। କେଉଁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିବା ଯୋଗୁଁ ସେ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି।

ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆହୁରି କହିଛନ୍ତି, ଦେବଗଡ଼ ଜିଲ୍ଲାର ଆଡାସ ରାମପଲ୍ଲୀ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି। କେଉଁଝର ଜିଲ୍ଲାର ଗୋପୁର- ଗଜିପୁର ଅଞ୍ଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିବା ଯୋଗୁଁ ସେ ଅଞ୍ଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି।

ଅନୁସନ୍ଧାନକାରୀ ସଂସ୍ଥାମାନେ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା।

# ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଅନୁମୋଦନ

**ଭୁବନେଶ୍ୱର,୫।୧୨(ମହାଭାରତ):** ଚଳିତବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା ରାଜ୍ୟର ପ୍ରତ୍ୟେକ ଲୋକଙ୍କ ମୁଣ୍ଡରେ ୨୦୧୭୭ ଟଙ୍କାର ଋଣବୋଝ ରହିଛି। କିନ୍ତୁ ଏହି ଋଣବୋଝ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ କମ୍। ତେଣୁ ରାଜ୍ୟର ଋଣଭାର ଓ ମୁଣ୍ଡପିଛା ଋଣକୁ ନେଇ ବିଧାୟକମାନେ ଚିନ୍ତା ବ୍ୟକ୍ତ କରିବାର ଆବଶ୍ୟକତା ନାହିଁ। ଆଜି ଏଭଳି ଭାବେ ବିଧାନସଭାରେ ଅର୍ଥ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ମତ ରଖିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହାସହିତ ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୨୧୫୫ କୋଟି ୭୩ଲକ୍ଷ ୫୧ହଜାର ଟଙ୍କାର ଅତିରିକ୍ତ ବ୍ୟୟବରାଦ ନିମନ୍ତେ ବ୍ୟୟମଞ୍ଜୁରୀ ବିଲ ମଧ୍ୟ ଆଜି ଅନୁମୋଦନ ଲାଭ କରିଛି।

ବ୍ୟୟମଞ୍ଜୁରୀ ବିଲ୍ ଉପରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନଙ୍କ ଆଲୋଚନା ପରେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, କେତେକ ବିଧାୟକ ରାଜ୍ୟର ଋଣବୋଝ ଓ ମୁଣ୍ଡପିଛା ଋଣକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ତେବେ ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମ-୨୦୦୫ ଅନୁଯାୟୀ ରାଜ୍ୟର ଋଣଭାର ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଜରୁରୀ।

ରାଜ୍ୟ ମହାଲେଖାକାରଙ୍କଠୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ବଳକା ସ୍ଥିତି ବଜାୟ ଥିବାବେଳେ ଋଣଭାର ମୋଟ ରାଜ୍ୟ ଜିଡିପି ଅନୁପାତ ୧୦.୧୨ ପ୍ରତିଶତ ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ମଧ୍ୟ ୧.୮୫ ପ୍ରତିଶତରେ ସୀମିତ ରହିଛି।



ତେଣୁ ଏସବୁ ବିତ୍ତୀୟ ସୂଚକାଙ୍କ ଧାର୍ଯ୍ୟ ସୀମା ତୁଳନାରେ ଯଥେଷ୍ଟ ତଳେ ରହିଅଛି। ଚଳିତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଆମର ଋଣଭାର ଗତବର୍ଷ ଶେଷର ଋଣଭାର ତୁଳନାରେ ୨୫୯୭କୋଟି ହ୍ରାସ ପାଇଛି।

ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ କହିଛନ୍ତି ଯେ, ଚଳିତବର୍ଷ ରାଜ୍ୟ ସରକାର ସମ୍ବଳ ସଂଗ୍ରହ ନେଇ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ହାସଲ କରିପାରିବେ। ଚଳିତ ଆର୍ଥିକ ବର୍ଷର ନଭେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୧୦% ବୃଦ୍ଧି ହାସଲ ହୋଇଛି। ଏହା ବଜେଟ୍ ଆକଳନର ୫୪.୫% ଅଟେ। କେନ୍ଦ୍ରୀୟ ସହାୟତାରେ ବୃଦ୍ଧି ହୋଇଛି। ଜିଏସଟି, ଅବକାରୀ ଶୁଳ୍କ, ଯାନବାହନ ଟିକସ ଓ ଡିଭିଡେଣ୍ଡ ସଂଗ୍ରହରେ ମଧ୍ୟ ବୃଦ୍ଧି ହୋଇଛି। ଚଳିତ ଆର୍ଥିକ ବର୍ଷରେ ବଜେଟ୍ ଆକଳନ ଅନୁସାରେ ଧାର୍ଯ୍ୟ ରାଜସ୍ୱ ଆଦାୟ ଲକ୍ଷ୍ୟ ବର୍ଷ ଶେଷରେ ହାସଲ କରାଯାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ବର୍ଷ ଶେଷସୁଦ୍ଧା ଆମେ ବଜେଟ ଅର୍ଥର ପୂର୍ଣ୍ଣ ବିନିଯୋଗ କରିପାରିବୁ ଓ ସରକାରଙ୍କ ସମସ୍ତ ଯୋଜନାର ଲାଭ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବାରେ ସଫଳ ହେବୁ। ସାଧାରଣ ନିର୍ବାଚନ ଯୋଗୁ ସରକାରୀ ବଜେଟ୍ ଖର୍ଚ୍ଚ ପ୍ରଭାବିତ ହୋଇଛି। ତଥାପି ୨୦୨୪ ନଭେମ୍ବର ଶେଷ ସୁଦ୍ଧା ବଜେଟ ବିନିଯୋଗ ହାର ଗତବର୍ଷ ତୁଳନାରେ ମାତ୍ର ୨.୮% କମ୍ ହୋଇଛି।ନିୟମିତ ଭାବେ ଉଚ୍ଚସ୍ତରୀୟ ବୈଠକରେ ଉଭୟ ଆୟ ଓ ବ୍ୟୟର ସମୀକ୍ଷା କରାଯାଉଛି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନ ପାଇଁ ସାରା ରାଜ୍ୟ ଅଣ୍ଟା ଭିଡିଛି। ଭିଜନ ଦସ୍ତାବିଜ ପାଇଁ ଏପର୍ଯ୍ୟନ୍ତ ୨ ଲକ୍ଷ ଲୋକଙ୍କ ମତାମତ ମିଳିଛି। ଯାହା ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ମଜଭୂତ କରୁଛି। ଏମିତି ବିପୁଳ ମତାମତ ପାଇଁ ଓଡ଼ିଶାବାସୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।ବିଜେପି ସରକାର ନିଜର ବିଭିନ୍ନ ଯୋଜନା ପାଇଁ ଏହି ବ୍ୟୟବରାଦରେ ଅତିରିକ୍ତ ବ୍ୟବସ୍ଥା କରିଥିବାବେଳେ ନୂତନ ଭାବେ ଆରମ୍ଭ ହେବାକୁ ଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା,ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଧାନର ଏମଏସପି ଉପରେ ଇନପୁଟ ସବସିଡି ସମେତ ସୁଭଦ୍ରା ଭଳି ଯୋଜନା ପାଇଁ ମଧ୍ୟ ଅର୍ଥବରାଦ ଏହି ଅତିରିକ୍ତ ବଜେଟରେ ହୋଇଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ମହାରାଷ୍ଟ୍ରରେ ଫଡ଼ନବିସଙ୍କ ଶାସନ ଆରମ୍ଭ



**ମୁମ୍ବାଇ,୫।୧୨(ଏଜେନ୍ସି):** ସବୁ କଳ୍ପନାଜଳ୍ପନାର ଘଟି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଦେବେନ୍ଦ୍ର ଫଡନାବିସ। ତୃତୀୟ ଥର ପାଇଁ ମହାରାଷ୍ଟ୍ରରେ ଆରମ୍ଭ ହୋଇଛି ଫଡନାବିସ ସରକାର। ଫଡନାବିସଙ୍କ ସହ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏନସିପି ମୁଖ୍ୟ ଅଜିତ ପାୱାର ଓ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ରାଜ୍ୟପାଳ ସିପି ରାଧାକୃଷ୍ଣ। ତେବେ ଏମାନଙ୍କ ବ୍ୟତୀତ ଆଉ କେହି ମନ୍ତ୍ରୀ ଭାବେ ଶପଥ ନେଇ ନାହାନ୍ତି ।

ମୁମ୍ବାଇସ୍ଥିତ ଆଜାଦ ମୈଦାନରେ ଶପଥ ଗ୍ରହଣ ପାଇଁ ଭବ୍ୟ ଆୟୋଜନ ହୋଇଥିଲା। ସନ୍ଧ୍ୟା ସାଢ଼େ ୫ଟାରେ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ ତାଙ୍କ ପରେ ଏକନାଥ ସିନ୍ଦେ ଓ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଓ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏଥିରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ସାମିଲ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ରାଜନୀତି ସମେତ କ୍ରୀଡ଼ା, ଫିଲ୍ମ ଓ ଶିଳ୍ପ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥିଲା। ଶପଥ ଗ୍ରହଣ ପୂର୍ବରୁ ସେଠାରେ ସଚିନ ତେନ୍ଦୁଲକରଙ୍କ ସମେତ ଅମ୍ବାନୀ ପରିବାର ସଦସ୍ୟ, ସଲମାନ ଖାନ, ଶାହରୁଖ ଖାନ, ରଣବୀର ସିଂହଙ୍କ ପରି ବହୁ ଅଭିନେତା ଓ ଅଭିନେତ୍ରୀ ପହଞ୍ଚିଥିଲେ।ପ୍ରଧାନମନ୍ତ୍ରୀ ଏହି ଅବଅସରରେ ମୁଖ୍ୟମନ୍ତ୍ରୀ ଫଡନଭିସଙ୍କ ସହ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ସିନ୍ଦେ ଏବଂ ପାୱାରଙ୍କୁ ମଧ୍ୟ ସେ ଅଭିନନ୍ଦନ ଜଣାଇଛନ୍ତି।

## ୭ରୁ ବଢ଼ିବ ଶୀତ, କମିବ ରାତି ତାପମାତ୍ରା

ଭୁବନେଶ୍ୱର,୫।୧୨(ମହାଭାରତ): ସାମୁଦ୍ରିକ ଝଡ ଫେଙ୍ଗାଲ ଯୋଗୁଁ ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ। ରହିଥିଲାୟ ତେବେ ପାଣିପାଗ ବିଭାଗର ସୂଚନା ଅନୁସାରେ ଶନିବାରଠାରୁ ରାଜ୍ୟରେ ଶୀତ ବଢ଼ିପାରେ। ୭ ତାରିଖରୁ ରାଜ୍ୟରେ ରାତି ତାପମାତ୍ରା ୨ରୁ ୪ଡିଗ୍ରୀ କମିବ। ଫଳରେ ଅଧିକ ଶୀତ ଅନୁଭବ ହୋଇପାରେ। ଆସନ୍ତା ଦୁଇ ଦିନ କନ୍ଧମାଳ, ସୁନ୍ଦରଗଡ, ଝାରସୁଗୁଡ଼ା, କେନ୍ଦୁଝର ଆଦି ଜିଲ୍ଲାରେ ପ୍ରବଳ ଶୀତ ସହ ଘନ କୁହୁଡ଼ି ଦୃଶ୍ୟମାନ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ଆଜି ମାଲକାନଗିରି ଓ କୋରାପୁଟ ଜିଲ୍ଲା ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

## ଆଳୁ ଅଭାବ ମନୁଷ୍ୟକୃତ : ମନ୍ତ୍ରୀ

ଭୁବନେଶ୍ୱର,୫।୧୨(ମହାଭାରତ): ଆଳୁ ଦରକୁ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ସରକାରକୁ ବଦନାମ କରିବାକୁ ମନୁଷ୍ୟକୃତ ଆଳୁ ଅଭାବ ତିଆରି କରାଗଲା। ପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମନା କଲେ ଆମେ ଆଳୁ ଦେବୁ ନାହିଁ, ଏବେ ପୁଣି ରାଜି ହେଲେ ଦେବାକୁ। କାହିଁକି ଏମିତି ରାଜନୀତି କଲେ ମୁଁ ଜାଣି ନାହିଁ। ମାର୍କେଟରେ ପରିମାଣ କମିଲେ ଦର ବଢ଼େ। ଏବେ ତ ପର୍ଯ୍ୟାପ୍ତ ଆଳୁ ରହିଛି। ଦର ବି ସ୍ୱାଭାବିକ ଅଛି, ଆଗକୁ ଆହୁରି କମିବ।

ସରକାରକୁ ବଦନାମ କରିବାକୁ ମନୁଷ୍ୟକୃତ ଆଳୁ ଅଭାବ ତିଆରି କରାଗଲା। ପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମନା କଲେ ଆମେ ଆଳୁ ଦେବୁ ନାହିଁ, ଏବେ ପୁଣି ରାଜି ହେଲେ ଦେବାକୁ।କାହିଁକି ଏମିତି ରାଜନୀତି କଲେ ମୁଁ ଜାଣି ନାହିଁ। ମାର୍କେଟରେ ପରିମାଣ କମିଲେ ଦର ବଢ଼େ। ଏବେ ତ ପର୍ଯ୍ୟାପ୍ତ ଆଳୁ ରହିଛି। ଦର ବି ସ୍ୱାଭାବିକ ଅଛି, ଆଗକୁ ଆହୁରି କମିବ।

ଏଣେ ପୁଣି ଖସିଲା ଆଳୁ ଦରୟ ଛତ୍ର ବଜାର୍ ବ୍ୟବସାୟୀ ସଂଘ ସଭାପତିଙ୍କ ସୂଚନା ଅନୁଯାୟୀ, ଏବେ ବଜାରରେ ଖୁଚୁରା ଦୋକାନୀ କିଲୋ ପିଛା ଆଳୁ ୩୫ ଟଙ୍କା ଓ ହୋଲସେଲ ୨୮ ଟଙ୍କା କିଲୋପ୍ରତି ଦର ଅଛି। କଟକ ଛତ୍ର ବଜାରକୁ ଆଜି ୟୁପିରୁ ୩୫ ଟନ ଆଳୁ ଆସିଛି। ଆଗକୁ ଆଳୁ ଦର ଆହୁରି କମିବ। ତେଣେ ଆଳୁ ବ୍ୟବସାୟ ମାନ୍ଦା ପଡ଼ିଛି।

## ୩ ବର୍ଷରେ ୧୦୫୭ ବଜ୍ରପାତ ମୃତ୍ୟୁ

**ଭୁବନେଶ୍ୱର, ୫।୧୨** (ମହାଭାରତ): ଗତ ତିନି ବର୍ଷ ମଧ୍ୟରେ ରାଜ୍ୟରେ ବର୍ଜପାତ ଯୋଗୁଁ ୧୦୫୭ ଜଣଙ୍କ ଜୀବନ ଯାଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଆଜି ବିଧାନସାଭରେ ପ୍ରକାଶ କରିଛନ୍ତି। ବିଧାୟକଙ୍କ ପ୍ରଶ୍ନରେ ଶ୍ରୀ ପୂଜାରୀ କହିଛନ୍ତି, କେବଳ ଗତ ୭ ମାସରେ ବଜ୍ରପାତରେ ୨୦୧ଜଣଙ୍କର ମୃତ୍ୟୁ ଘଟିଛି। ୨୦୨୩-୨୪ ବର୍ଷରେ ୨୭୨ ଜଣଙ୍କର ବଜ୍ରପାତଜନିତ ମୃତ୍ୟୁ ହୋଇଛି। ୨୦୨୨-୨୩ରେ ୩୦୬ ଜଣଙ୍କର ଜୀବନ ନେଇଛି ବଜ୍ରପାତ। ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ ଜିଲ୍ଲାରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ଅଧିକ ବୋଲି ସେ କହିଥିଲେ। ବଜ୍ରପାତରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ତାଳଜଙ୍ଗଲ ସୃଷ୍ଟି କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ବିଭିନ୍ନ ସ୍ଥାନରେ ତାଳଗଛ ଗୁଡିକ ଥିବା ଦୃଷ୍ଟିରୁ ବଜ୍ରପାତର ସଂଖ୍ୟା କମ୍ ରହିଥିଲା, କିନ୍ତୁ ଏବେ ତାଳଗଛ ସଂଖ୍ୟା କ୍ରମଶଃ ହ୍ରାସ ପାଉଥିବାରୁ ବଜ୍ରପାତ ସଂଖ୍ୟା ବୃଦ୍ଧି ପାଇଛି।

## ୪ ରାଜ୍ୟ ଓ ୧୪ ଜିଲ୍ଲାରେ ଆନ୍ତଃ-ରାଜ୍ୟ ସୀମା ବିବାଦ

ଭୁବନେଶ୍ୱର,୫।୧୨(ମହାଭାରତ: ପଡ଼ୋଶୀ ୪ ରାଜ୍ୟ ସହିତ ରାଜ୍ୟ ୧୪ଟି ଜିଲ୍ଲାର ଆନ୍ତଃ-ରାଜ୍ୟ ସୀମା ବିବାଦ ଲାଗି ରହିଛି ବୋଲି ଆଜି ଗୃହରେ ଉତ୍ତର ରଖି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବିଧାୟକ ରମେଶ ବେହେରାଙ୍କ ପ୍ରଶ୍ନରେ ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ସହ ଓଡ଼ିଶାର ୧୪ଟି ଜିଲ୍ଲାର ଆନ୍ତଃ ରାଜ୍ୟ ସୀମା ସଂଲଗ୍ନ ଅଛି। ଯାହାକୁ ନେଇ ବିବାଦ ଲାଗି ରହିଛି। ତେବେ କୋଟିଆ ଗ୍ରାମପୁଞ୍ଜୀକୁ ଛାଡ଼ିଦେଲେ ଅନ୍ୟ କେଉଁ ସ୍ଥାନରେ ବିବାଦ ସେତେ ବଡ଼ ଧରଣର ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟୋକ୍ତି ରଖିଛନ୍ତି।



ବିଜେଡି ବିଧାୟକ ରମେଶ ବେହେରା ଏନେଇ ଗୃହରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ ଯେ, ଆନ୍ତଃ ରାଜ୍ୟ ସୀମା ବିବାଦର ସମାଧାନ ଓ ଅନୁପ୍ରବେଶ ରୋକିବାକୁ ସରକାର କି କି ପଦକ୍ଷେପ ନେଉଛନ୍ତି। ଆଉ କେଉଁ କେଉଁ ସୀମାନ୍ତ ରାଜ୍ୟ ସହ କେତୋଟି ବିବାଦ ରହିଛି ? ଏହାର ଉତ୍ତର ଦେଇ ମନ୍ତ୍ରୀ ଏହି ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ସୂଚନା ମୁତାବକ, କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜୀକୁ ନେଇ ଆନ୍ଧ୍ରପ୍ରଦେଶ ସହିତ ୧୯୬୮ ମସିହାରୁ ସୀମା ବିବାଦ ରହିଛି। ଏନେଇ ଓଡ଼ିଶା ସରକାର ଆନ୍ଧ୍ର ସରାକରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାୟର କରିଛନ୍ତି। ତେବେ ଏହି ମାମଲାକୁ ଖାରଜ କରିବା ସହ ଆଲୋଚନା ମାଧ୍ୟମରେ ଏହାର ଫଇସଲା କରିବାକୁ ସୁପ୍ରିମକୋର୍ଟ କହିଛନ୍ତି ବୋଲି ଗୃହରେ ଉତ୍ତର ରଖିଛନ୍ତି ମନ୍ତ୍ରୀ।

ଅନ୍ୟପଟେ ବିବାଦୀୟ କୋଟିଆ ଅଞ୍ଚଳର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ୧୦୮ କୋଟି ୫୩ଲକ୍ଷ ୧୨ ହଜାର ୩୩୯ ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରତି ଗ୍ରାମକୁ ରାସ୍ତା, ବିଦ୍ୟାଳୟ ଗୃହ, ଆବାସିକ ଶ୍ରେଣୀ ଗୃହ, ଅଙ୍ଗନବାଡି ଗୃହ, ମିଶନ ଶକ୍ତି ଗୃହ, ୧୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବଜାର ପିଣ୍ଡି, ପୁଲିସ ଥାନା ନିର୍ମାଣ କରିବା ସଙ୍ଗେ ସଙ୍ଗେ ବିଦ୍ୟୁତ ସଂଯୋଗ ଓ ମୋବାଇଲ ଟାୱାର ସ୍ଥାପନ ସହ ଲୋକମାନଙ୍କ ପାଇଁ ଜୀବିକାର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

### ମଣ୍ଡେଇ ବାର୍ତ୍ତା

ନବରଙ୍ଗପୁର ଜିଲ୍ଲାର ପାରମ୍ପରିକ ଯାନିଯାତ୍ରା, ପର୍ବପର୍ବାଣୀ ମଧ୍ୟରେ "**ମଣ୍ଡେଇ**" ହେଉଛି ଏକ ଗଣପର୍ବ। ନବରଙ୍ଗପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ନିଆରା ପରମ୍ପରା ପାରସ୍ପରିକ ସଦ୍‌ଭାବ ରଖିବାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଦୀର୍ଘବର୍ଷ ଧରି ଆମରି ଲୋକକଳା, ଲୋକବାଦ୍ୟ, ସାଂସ୍କୃତିକ ବୈଭବକୁ ସାରା ଦେଶରେ ଲୋକପ୍ରିୟ କରିବାରେ "**ମଣ୍ଡେଇ ମହୋତ୍ସବ**" ଗୁରୁଦାୟିତ୍ୱ ନିର୍ବାହ କରିଆସିଛି। "**ମଣ୍ଡେଇ-୨୦୨୪**" ଆସନ୍ତା ଚଳିତ **ଡିସେମ୍ବର ୬, ୭ ଓ ୮ ତାରିଖରେ** ମଣ୍ଡେଇ ପଡ଼ିଆ (ହିର୍ଲି)ଠାରେ ପାଳିତ ହେବାକୁ ଯାଉଅଛି। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ୬ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାବାସୀଙ୍କୁ **ମଣ୍ଡେଇ-୨୦୨୪ର** ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସମସ୍ତଙ୍କୁ ସ୍ୱାଗତ କରୁଛି।



**ଡଃ. ଶୁଭଙ୍କର ମହାପାତ୍ର, ଭା.ପ୍ର.ସେ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



**ଖବର**

## ହାତରେ ୟୁରିନ୍ ଓ ରକ୍ତ ଭର୍ତ୍ତି ବ୍ୟାଗ୍ ଧରି ଫଟୋ ଛାଡ଼ିଲେ ହିନା





'ଯେ ରିସ୍ତା କ୍ୟା କେହଲାତା ହେ'ର ଅକ୍ଷରା ଓରଫ ହିନା ଖାନ କର୍କଟ ରୋଗର ତୃତୀୟ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି ଥରେ କିମ୍ବା ଦୁଇଥର ନୁହେଁ ବରଂ ଅନେକ ଥର ସେ ସୋସିଆଲ ମିଡିଆ ଜରିଆରେ ପ୍ରଶଂସକଙ୍କ ସହ ନିଜର ସ୍ୱାସ୍ଥ୍ୟ ଅପଡେଟ୍ ସେୟାର କରିଛନ୍ତି । ପ୍ରତ୍ୟେକ ଥର ସେ ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ପ୍ରଶଂସକମାନଙ୍କୁ ଅନୁରୋଧ ମଧ୍ୟ କରିଛନ୍ତି। କର୍କଟ ଯୁଦ୍ଧ ମଧ୍ୟରେ ସେ ଏବେ ସେୟାର କରିଥିବା ଏକ ଫଟୋ ଦେଖି ତାଙ୍କ ପ୍ରଶଂସକମାନେ ଭାବପ୍ରବଣ ହୋଇଯାଇଛନ୍ତି। ଅଭିନେତ୍ରୀ ତାଙ୍କ ସୋସିଆଲ ମିଡିଆରେ ଦୁଇଟି ଫଟୋ ସେୟାର କରିଛନ୍ତି। ଫଟୋରେ ସେ ଡାକ୍ତରଖାନାର କରିଡରରେ ଠିଆ ହୋଇଥିବାର ନଜର ଆସିଛନ୍ତି। ଫଟୋ ଦେଖି ଲାଗୁଛି ଯେ, ସେ ଗୋଟିଏ ହାତରେ ରକ୍ତ ବ୍ୟାଗ ଓ ଅନ୍ୟ ହାତରେ ୟୁରିନ୍ ବ୍ୟାଗ୍ ଧରିଛନ୍ତି। ଏହି ଫଟୋର କ୍ୟାପସନରେ ସେ ଲେଖିଛନ୍ତି - 'ସୁସ୍ଥ ହେବା ପାଇଁ ଏହି କରିଡର ଦେଇ ମୁଁ ଆଲୋକ ଆଡକୁ ଗତି କରୁଛି।'

## ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ତେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

# ଅବିନାଶୀ ଆତ୍ମା

ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ୍ୟ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ'ଣ ଅନ୍ୟ କୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ୍ୟ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।



# ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତ୍ତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

## ପିଲାଙ୍କ ଷ୍ଟଡି ରୁମରେ ଥିବା ଜିନିଷ ପ୍ରତି ରଖନ୍ତୁ ଧ୍ୟାନ



ବାସ୍ତୁ ଶାସ୍ତ୍ର ଅନୁସାରେ ପାଠପଢ଼ାରେ ମନ ଲଗାଇବା ଏବଂ କ୍ୟାରିୟର ବନାଇବା ପାଇଁ ଧ୍ୟାନ କେନ୍ଦ୍ରିତ କରିବା ସବୁଠୁ ଅଧିକ ଜରୁରୀ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଠପଢ଼ା ରୁମ୍ ଅର୍ଥାତ୍ ଷ୍ଟଡି ରୁମ୍ ଠିକ ଭାବେ ବ୍ୟବସ୍ଥିତ କରିବା ଉଚିତ୍। ଘରେ ବାସ୍ତୁ ଦୋଷ ହେବା ଦ୍ୱାରା ନକରାତ୍ମକତା ବଢ଼ିଥାଏ ଏବଂ ମନର ଏକାଗ୍ରତା ବଜାୟ ରହିପାରେ ନାହିଁ। ଯାହା ଦ୍ୱାରା ମାନସିକ ଚିନ୍ତା ବଢ଼ିଥାଏ ଏବଂ ପାଠପଢ଼ାରେ ଆଗ୍ରହ ବଢ଼ିଥାଏ। ବାସ୍ତୁ ଅନୁସାରେ ଷ୍ଟଡି ରୁମରେ କିଛି କଥା ପ୍ରତି ଧ୍ୟାନ ରଖି ପାଠପଢ଼ାରେ ମନ ଲଗାଯାଇପାରିବ।

ବାସ୍ତୁ ଅନୁସାରେ ପିଲାଙ୍କ ଷ୍ଟଡି ରୁମ୍ ଉତ୍ତର, ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ହେବା ଉଚିତ୍।

ଷ୍ଟଡି ରୁମରେ ବହି ଆଲମାରି ପୂର୍ବ କିମ୍ବା ଉତ୍ତର ଦିଗରେ ହେବା ଉଚିତ୍। ଯଦି ଜାଗା ଅଭାବରେ ବେଡରୁମରେ ପାଠ ପଢ଼ିବାର ଅଛି ତେବେ ପଢ଼ିବା ସମୟରେ ପୂର୍ବ କିମ୍ବା ଉତ୍ତର ଦିଗରେ ମୁହଁ କରିବା ଉଚିତ୍।

ବାସ୍ତୁ ଅନୁସାରେ ପାଠପଢ଼ା ସମୟରେ ଦକ୍ଷିଣ ଆଡ଼କୁ ମୁହଁ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ଅଗ୍ନି ତତ୍ତ୍ୱର ପ୍ରାଧାନ୍ୟ ହେବା ଦ୍ୱାରା ପିଲା ଅନୁଶାସନହୀନ ହୋଇପାରନ୍ତି।

ଷ୍ଟଡି ଟେବୁଲରେ ଗ୍ଲୋବ୍ କିମ୍ବା ତମ୍ବାର ପିରାମିଡ ରଖିବା ଦ୍ୱାରା ଲାଭ ହୋଇଥାଏ। ଏହା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ ଏବଂ ପାଠପଢ଼ା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ।

ଷ୍ଟଡି ରୁମରେ ଟିଭି, ଭିଡିଓ ଗେମ୍ ଏବଂ ସିଡି ପ୍ଲେୟର ଭଳି ବସ୍ତୁ ନ ରଖିବା ଉଚିତ୍। ଏହି ଜିନିଷଗୁଡ଼ିକ ଦ୍ୱାରା ପାଠପଢ଼ା ପ୍ରତି ଆଗ୍ରହ କମିଥାଏ।

ଷ୍ଟଡି ରୁମରେ ପାନୀୟ ଜଳ, ଘଣ୍ଟା ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ୍।

ଷ୍ଟଡି ରୁମରେ ଗଣେଶ ଏବଂ ମାତା ସରସ୍ୱତୀଙ୍କ ଫଟୋ ମଧ୍ୟ ଲଗାଇବା ଉଚିତ୍।

ଯେଉଁ ପିଲାଙ୍କ ପାଠପଢ଼ାରେ ମନ ଲାଗିନଥାଏ ସେମାନଙ୍କ ରୁମରେ ମୟୁର ପଙ୍ଖ ରଖନ୍ତୁ।

# 'କୃଷି ଓ କୃଷକର ଉନ୍ନତି ବିନା ଦେଶର ଉନ୍ନତି ସମ୍ଭବ ନୁହେଁ'





**ଭୁବନେଶ୍ୱର, ୫।୧୨(ମହାଭାରତ):** କୃଷି ଉତ୍ପାଦନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଯଥେଷ୍ଟ ଅବଦାନ ରହିଛି। ଆମ ସଂସ୍କୃତି, ପରମ୍ପରା ଏବଂ ଜୀବନ ଜୀବିକାର ଆଧାର ହେଉଛି କୃଷି କାର୍ଯ୍ୟ ତେଣୁ କୃଷି ଏବଂ କୃଷକଙ୍କ ଉନ୍ନତି ବିନା ଦେଶର ଉନ୍ନତି ସମ୍ଭବ ନୁହେଁ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଗୁରୁବାର ଓୟୁଏଟିର ୪୦ ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେବା ଅବସରରେ ଏହା କହିଥିଲେ।

ଚାଷୀ ଓ ଚାଷକୁ ନେଇ ରାଷ୍ଟ୍ରପତିଙ୍କ ଟିପ୍ପଣୀ। ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାକୃତିକ ଚାଷ ପ୍ରତି ଆଗ୍ରହ ହେବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି। କୃଷି ବୈଜ୍ଞାନିକମାନଙ୍କ ଅବଦାନ ଆମ ପାଇଁ ଯଥେଷ୍ଟ ଅଧିକ ରହିଛି। କୃଷକ କଲ୍ୟାଣ ପାଇଁ ସରକାରୀ ଯୋଜନା, ପିଏମ୍ କିଷାନ ସମ୍ମାନ ନିଧି ଯୋଜନା କୃଷି ଭାଇଭଉଣୀଙ୍କ ପାଇଁ ଉପାଦେୟ ହୋଇଛି। କୃଷି କାର୍ଯ୍ୟକୁ ଆଗେଇ ନେବାକୁ ଆମ ପାଖରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ରହିଛି। ଚାଷ କ୍ଷେତ୍ରରେ ନାନୋ ଟେକ୍ନୋଲୋଜି, କୃତ୍ରିମ ବୁଦ୍ଧିମତା, ରିମୋଟ୍ ସେନସିଂ ଭଳି ସମୟ ଉପଯୋଗୀ ଜ୍ଞାନକୌଶଳ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି। କୃଷି ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପାଇଛି ଭାରତ। ଏବେ ଭାରତ ଅନ୍ୟ ଦେଶକୁ କୃଷି ସାମଗ୍ରୀ ରପ୍ତାନୀ କରୁଛି କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେପଟେ ଚାଷ ଅଛି ଯାହାର କି ଆନନ୍ଦ ତାହାର, ସିଏ ସିନା ଦୁନିଆକୁ ଯୋଗାଉଛି ଆହାର ଓଡ଼ିଆ। ଗୀତ ଗାଇ ଚାଷ ଓ ଚାଷୀଙ୍କ ମନୋବଳ ବଢାଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ସମାବର୍ତ୍ତନ ଉତ୍ସବ ଅବସରରରେ ୪ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଆଟମିକ୍ ଏନର୍ଜି କମିସନ ଅଧ୍ୟକ୍ଷ ତଥା ଆଟମିକଏନର୍ଜି ବିଭାଗର ସଚିବ ଅଜିତ କୁମାର ମହାନ୍ତି, ୟୁଏସ୍ଏ ସ୍ଥିତ ଏନଆଇଏଫ୍ଏ ନିର୍ଦ୍ଦେଶକ ମଞ୍ଜିତ ମିଶ୍ର, ନ୍ୟାସନାଲ୍ ଏକାଡେମୀ ଅଫ ଭେଟେନାରୀ ସାଇନ୍ସର ସଭାପତି ପ୍ରକାଶ ରାଓ ଭେଙ୍କଟରମଣ ଦୁଭରିଓଙ୍କ ସମେତ ଓଡ଼ିଶାର ମିଲେଟ୍ ରାଣୀ ଭାବେ ପରିଚିତ ରାଇମତୀ ଘିଉରିଆ। ସମାବର୍ତ୍ତନ ଉତ୍ସବରେ ସମସ୍ତଙ୍କ ନଜର ଥିଲା ମିଲେଟ୍ କୁଇନ ରାଇମତୀ ଘିଉରିଆଙ୍କ ଉପରେ। ସାରା ଭାରତରେ ମାଣ୍ଡିଆ ରାଣୀ ଭାବେ ପରିଚିତ ଲାଭ କରିଥିବା କୋରାପୁଟରେ ଆଦିବାସୀ ମହିଳା ଚାଷୀ ତଥା ବହୁ ପୁରାତନ ଶସ୍ୟ ସଂଗ୍ରହକାରୀ ଜି ୨୦ ଫେମ୍ ରାଇମତୀ ଘିଉରିଆଙ୍କୁ ମିଳିଛି ଡକ୍ଟରେଟ୍ ଉପାଧି। ସଫଳ ପୁରାତନ ବିହନ ସଂଗ୍ରହକାରୀ ସହ ଜଣେ ସଫଳ ଆଦିବାସୀ ମହିଳା ଚାଷୀ। ବିରଳ ପୁରାତନ ମାଣ୍ଡିଆ ଓ ଧାନ ବିହନ ସଂଗ୍ରହକାରୀ। ଆଗାମୀ ପିଢ଼ି ପାଇଁ ସାଜିଛନ୍ତି ପ୍ରେରଣା । ମାଣ୍ଡିଆକୁ ଗ୍ଲୋବାଲ କରିବା ହେଉ କି ଚାଷ ପ୍ରତି ଅବଦାନ ତାଙ୍କୁ ଦେଇଛି ସମ୍ମାନ। ଓୟୁଏଟିର ୪୦ତମ ସମାବର୍ତ୍ତନ ଉତ୍ସବ ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ଗ୍ରହଣ କରିଛନ୍ତି ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ଯ ଏହା ତାଙ୍କୁ ଉତ୍ସାହ ଆଣିବା ସହ ଆଗାମୀ ଦିନରେ ଚାଷ ଉନ୍ନତି ଦିଗରେ କାମ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ରାଇମତୀ ଘିଉରିଅ। ଏହି ଅବସରରେ ୭୨୫ ଜଣଙ୍କୁ ଗ୍ରାଜୁଏଟ୍ ଡିଗ୍ରୀ, ୪୮୦ ଜଣକୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ, ୧୧୮ ଜଣକୁ ପିଏଚଡି ଡିଗ୍ରୀ, ୧୧୭ ଜଣକୁ ଗୋଲ୍ଡ ମେଡାଲ ସହ ୪ ଜଣଙ୍କୁ ଡକ୍ଟରେଟ୍ ଉପାଧି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଛି।

## ଗନ୍ଧମାର୍ଦ୍ଦନ ପର୍ବତରେ ରହିଛି ୨୦୨ ନିୟୁତ ଟନ୍ ବକ୍ସାଇଟ୍

**ଭୁବନେଶ୍ୱର, ୫।୧୨(ମହାଭାରତ):** ବଲାଙ୍ଗିର ଓ ବରଗଡ ଜିଲ୍ଲା ସୀମାନ୍ତରେ ଥିବା ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତରେ ୨୦୨.୨୬ ନିୟୁତ ଟନ୍ ପରିମାଣର ବକ୍ସାଇଟ୍ ମହଜୁଦ ରହିଛି। ୧୯୭୫ ରୁ ୧୯୭୯ ମସିହା ମଧ୍ୟରେ କେନ୍ଦ୍ର ସରକାରଙ୍କ ଏମଇସିଏଲ୍ ଓ ରାଜ୍ୟ ସରକାରଙ୍କ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ଏହି ଆକଳନ କରାଯାଇଥିବା ସୂଚନା ଦେଇଛନ୍ତି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଖଣି ମନ୍ତ୍ରୀ କହିଛନ୍ତି ଯେ ୧୯୮୧ ମସିହାରେ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ବାଲ୍‌କୋ କୁ ଗନ୍ଧମାର୍ଦ୍ଦନରୁ ଖଣି ଖନନ ପାଇଁ ପଟା ଦିଆଯିଥିଲା। ମାତ୍ର ଏହି କମ୍ପାନୀ ସମ୍ପୃକ୍ତ ଖଣି ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଜଙ୍ଗଲ ଅନୁମତି ପ୍ରମାଣପତ୍ର ଦେଇନପାରିବାରୁ ଖଣି କାର୍ଯ୍ୟ ଚାଲୁ କରିପାରିନଥିଲେ। ୧୯୯୦ ମସିହାରେ ରାଜ୍ୟ ସରକାର ଉକ୍ତ ଖଣି ଅଞ୍ଚଳକୁ ଅସିଦ୍ଧ ଘୋଷଣା କରିଥିଲେ। ସମ୍ପ୍ରତି ଗନ୍ଧମାର୍ଦ୍ଦନରୁ ଖଣିଜ ପଦାର୍ଥ ଉତ୍ତୋଳନ ଲାଗି କୌଣସି ସଂସ୍ଥାକୁ ନିୟୋଜିତ କରିବାର ପ୍ରସ୍ତାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଓଡ଼ିଶାରେ ପ୍ରକାଶ ପାଉଛି ୯୦ ଓଡିଆ ଦୈନିକ ସମ୍ବାଦପତ୍ର

**ଭୁବନେଶ୍ୱର,୫।୧୨(ମହାଭାରତ):** ରାଜ୍ୟରୁ ୯୦ଟି ଦୈନିକ ଓଡିଆ ଖବରକାଜ ପ୍ରକାଶ ପାଉଥିବାବେଳେ ଦୈନିକ ଇଂରାଜୀ ଖବରକାଗଜର ସଂଖ୍ୟା ୧୯ଟି ରହିଛି। ଏଥି ସହିତ ୧୦୯ଟି ସାପ୍ତାହିକ, ପାକ୍ଷିକ ଓ ମାସିକ ଭଳି ପତ୍ରିକା ପ୍ରକାଶିତ ହେଉଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି।



ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରୁ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ପତ୍ର ପତ୍ରିକା ସହିତ ବିଭିନ୍ନ ଇଲେକଟ୍ରୋନିକ ଏବଂ ଓ୍ୱେବ ମିଡିଆକୁ ମିଶାଇ ମୋଟ ୩୨୮ଟି ଗଣମାଧମ ସଂସ୍ଥା ରହିଛି। ଏଥି ମଧ୍ୟରେ ୧୦ଟି ନିଉଜ ଚ୍ୟାନେଲ, ୮ଟି ମନୋରନ ଚ୍ୟନେଲ, ୭ଟି ଏଫ୍ଏମରେଡିଓ ଓ ୬୧ଟି ଓ୍ୱେବ ମିଡିଆ ରହିଛି।

ସେହିଭଳି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ସର୍ବମୋଟ୍ ୯୦୯୪ ଜଣ ସାମ୍ବାଦିକ ତାଲିକାଭୁକ୍ତ ହୋଇଛନ୍ତି। ଏଥି ମଧ୍ୟରେ ଖୋରଧା ଜିଲ୍ଲାରେ ସର୍ବାଧିକ ୧୮୩୭ ଜଣ ଥିବାବେଳେ ଝାରସୁଗୁଡାରେ ୮୨ଜଣ ଅଛନ୍ତି। ଗାମରେ ଦ୍ୱିତୀୟ ସର୍ବାଧିକ ୫୨୯ଜଣ ସାମ୍ବାଦିକ ଥିବାବେଳେ ଯାଜପୁରରେ ୪୯୧ ଜଣ, କଟକରେ ୪୬୮ଜଣ ରହିଛନ୍ତି। ସବୁଠାରୁ କମ୍ ମାତ୍ର ୪୩ଜଣ ସାମ୍ବାଦିକ ଦେବଗଡ ଜିଲ୍ଲାରେ ଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## ଶ୍ରୀମନ୍ଦିରକୁ ଓମଫେଡ୍ ଯୋଗାଉଛି ୬୦ ଟନ୍ ଘିଅ

**ଭୁବନେଶ୍ୱର,୫।୧୨(ମହାଭାରତ):** ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ମନ୍ଦିରକୁ ଓମ୍‌ଫେଡ୍ ବର୍ଷକୁ ୬୦ ଟନ୍‌ଘିଅ ଯୋଗାଣ କରୁଛି। ଏହାମଧ୍ୟରେ ଛତିଶଗଡ଼ର ଚନ୍ଦ୍ରହାସିନୀ ମନ୍ଦିର ଥିବା ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଓମ୍‌ଫେଡ଼ର ଦୁଗ୍ଧ ସଂଗ୍ରହ ଓ ଘିଅ ଉତ୍ପାଦନ ସଂକ୍ରାନ୍ତରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଓମ୍‌ଫେଡ୍ ବାର୍ଷିକ ୫ଲକ୍ଷ ୪୦ହଜାର କିଲୋ ଦୁଗ୍ଧ ସଂଗ୍ରହ କରୁଥିବା ବେଳେ ସେଥିରୁ ବାର୍ଷିକ ୧୩୦୪.୧୬ ଟନ୍ ଘିଅ ପ୍ରସ୍ତୁତ କରୁଛି। ବର୍ତ୍ତମାନ ବଜାରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସ୍ୱୀକୃତିପ୍ରାପ୍ତ ବିତରକମାନଙ୍କ ମଧ୍ୟରେ ମୋଟ ୧୨୫୮.୫୩ ଟନ୍ ଘିଅ ବିକ୍ରି କରୁଛି। ବିକ୍ରି ହେଉଥିବା ଏହି ଘିଅ ମଧ୍ୟରୁ ୬୦ଟନ୍ ଘିଅ ବିଭିନ୍ନ ଦେବାଳୟକୁ ଯାଉଛି। ଦେବାଳୟ ମଧ୍ୟକୁ ଯାଉଥିବା ଘିଅ ମଧ୍ୟରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ୩୦ଟନ୍‌ଘିଅ ଯାଉଥିବାବେଳେ ଛତିଶଗଡର ଚନ୍ଦ୍ରହାସିନୀ ମନ୍ଦିରକୁ୩ଟନ ଘିଅ ଯୋଗାଇ ଦିଆଯାଉଛି। ଅନ୍ୟ ମଧ୍ୟରେ ବଲାଙ୍ଗିରର ନୃସିଂହନାଥ ମନ୍ଦିରକୁ ୦.୭ ଟନ, ବରଗଡର କାଳୀ ମନ୍ଦିରକୁ ୧.୮ଟନ,କେନ୍ଦ୍ରାପଡାର ବଳଦେବଜୀଉ ମନ୍ଦରିକୁ ୦.୧୨ ଟନ, ଘିଅଯୋଗାଣ ହେଉଥିବାବେଳେ ଅନ୍ୟାନ୍ୟ ଛୋଟ ଛୋଟ ମନ୍ଦିରକୁ ୨୩.୭ ଟନ ଘିଅ ଓମଫେଡ ଯୋଗାଇ ଦେଉଛନ୍ତି।

# ୫ ବର୍ଷ ହେଲା ବଢ଼ିନି କୃଷକଙ୍କ ଆୟ

**ଭୁବନେଶ୍ୱର,୫।୧୨(ମହାଭାରତ):** କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏନ୍ଏସ୍ଓ ତଥ୍ୟ ଅନୁଯାୟୀ ରାଜ୍ୟରେ ଚାଷୀଙ୍କ ମାସିକ ଆୟ ୫,୧୧୨ ଟଙ୍କା ଥିବା ସୂଚନା ଦେଇଛନ୍ତି। ବାହିନୀପତି ପଚାରିଥିଲେ ଯେ ରାଜ୍ୟରେ କୃଷକ ପରିବାର ବାର୍ଷିକ ଆୟ କେତେ ରହିଛି। ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ରାଜ୍ୟ ସରକାର କେତେ ଟଙ୍କା ଚାଷୀଙ୍କୁ ଦେଉଛନ୍ତି। ଧାନ କୁଇଣ୍ଟାଲ ବାବଦରେ ଚାଷୀଙ୍କୁ କେତେ ଖର୍ଚ୍ଚ କରିବାକୁ ପଡୁଛି। ଜଳସେଚନ ଓ ଅଣ ଜଳସେଚିତ ଜମିରେ କେତେ ଟଙ୍କା କୁଇଣ୍ଟାଲ ପିଛା ଖର୍ଚ୍ଚ ହେଉଛି।



ଉତ୍ତରରେ କୃଷିମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ ଆର୍ଥିକବର୍ଷରେ ସାଧାରଣ ଧାନ କୁଇଣ୍ଟାଲ ପିଛା ଏମ୍ଏସପି ୨୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ଅତିରିକ୍ତ ୮୦୦ ଟଙ୍କା ଦେଇ ଧାନ କୁଇଣ୍ଟାଲ ପିଛା ଚାଷୀଙ୍କଠାରୁ ମୋଟ ୩୧୦୦ ଟଙ୍କାରେ କିଣୁଛନ୍ତି। କମିଶନ ଫର୍ ଏଗ୍ରିକଲଚରାଲ କଷ୍ଟସ୍ ଆଣ୍ଡ ପ୍ରାଇସେସ୍(ସିଏସିପି)ଙ୍କ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଧାନ କୁଇଣ୍ଟାଲ ପିଛା ଉତ୍ପାଦନ ବାବଦରେ ୨୦୬୭ ଟଙ୍କା ଖର୍ଚ୍ଚ ହେଉଛି।

ଧାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଏପରି କି ଅତ୍ୟାବଶ୍ୟକ ପନିପରିବା ଓ ତୈଳବୀଜ ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀଙ୍କ ଆୟ ଦ୍ୱିଗୁଣା ବୃଦ୍ଧି କରିବାକୁ ତତ୍କାଳୀନ ବିଜେଡି ସରକାର କାଳିଆ, ବଳିଆ ଭଳି ଅନେକ ଯୋଜନା ଘୋଷଣା କରିଥିଲେ। କୃଷି ଯନ୍ତ୍ରପାତି କ୍ରୟରେ ସବ୍ସିଡି ଦେବାଠାରୁ ଆରମ୍ଭ କରି ଉନ୍ନ ମାନର ବିହନ, ସାର, କୀଟନାଶକ ଯୋଗାଇ ଦେଇଥିବା ବିଭିନ୍ନ ସମୟରେ ବିଧାନସଭାରେ ସୂଚନା ଦେଇଥିଲେ। ରାଜ୍ୟ ସରକାର ଚାଷ ପାଇଁ କେନ୍ଦ୍ର ସରକାରଙ୍କ ନିକଟରୁ ୪ ଥର କୃଷି କର୍ମଣ ପୁରସ୍କାର ପାଇଛନ୍ତି। ମାତ୍ର ବିଡ଼ମ୍ବନା ଯେ ସରକାର ଏତେ ସବୁ ଘୋଷଣା କରିବା ପରେ ମଧ୍ୟ ରାଜ୍ୟର କୃଷକଙ୍କ ଆୟ ବଢ଼ି ପାରିଲା ନାହିଁ।

## ରାଜ୍ୟରେ ୮୯,୭୬୭ ପଞ୍ଜିକୃତ ଏନ୍‌ଜିଓ

**ଭୁବନେଶ୍ୱର,୫।୧୨(ମହାଭାରତ):** : ରାଜ୍ୟରେ ୮୯ହଜାରରୁ ଅଧିକ ପଞ୍ଜିକୃତ ଏନ୍‌ଜିଓ ଥିବାବେଳେ ରାଜ୍ୟ ବାହାରର ୬ଟି ପଞ୍ଜିକୃତ ଏନ୍‌ଜିଓ ଓଡିଶାର ୪ଟି ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ସେମାନେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ମହିଳା ସଶକ୍ତିକରଣ, କୃଷି ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୩୦ଟି ଜିଲ୍ଲାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ମୋଟ୍ ୮୯,୭୬୭ ଟି ଏନ୍‌ଜିଓ ପଞ୍ଜିକୃତ ହୋଇଛନ୍ତି। ଏମାନଙ୍କ ବ୍ୟତିତ ରାଜ୍ୟ ବାହାରର ୬ଟି ଏନ୍‌ଜିଓ ଓଡିଶାର ଚାରି ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ନିୟମାବଳୀ ଅନୁଯାୟୀ ଓଡିଶାରେ ପିକରଣର ୫ବର୍ଷ ପୂର୍ଣ୍ଣ ହେବାର ଏକ ମାସ ପୂର୍ବରୁ ଏନ୍‌ଜିଓମାନେ ଅର୍ଥ ଦାଖଲ କରି ନବୀକରଣ ପାଇଁ ଆବେଦନ କରିପାରିବେ। ମାତ୍ର ଏହିସବୁ ନିୟମାବଳୀ ପରିସରରେ ରାଜ୍ୟ ବାହାରର ଏନଜିଓମାନେ ଅର୍ନ୍ତଭୁକ୍ତ ନୁହନ୍ତି। ରାଜ୍ୟ ବାହାରର ଯେଉଁ ଏନଜିଓମାନେ ଓଡିଶାରେ କାର୍ଯ୍ୟ କରୁଛନ୍ତି ବା କରିବେ ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ବର୍ତ୍ତମାନ ସୁଦ୍ଧା ନିୟମାବଳୀ କରିବାପାଇଁ କୌଣସି ପ୍ରସ୍ତାବ ବିଚାରାଧିନ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜ୍ୟ ବାହାରର ଏନ୍‌ଜିଓ ମଧ୍ୟରେ କୋରାପୁଟ ଜିଲ୍ଲାରେ ଦିଲ୍ଲୀର ପିରାମଲ ଫାଉଣ୍ଡେସନ ଓ ବିକ୍ରମ ଚିଲ୍ଲା ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ ପଶ୍ଚିମବଙ୍ଗର ସିନି ପୁଷ୍ଟିସାଧନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଝାରସୁଗୁଡାରେ କର୍ଣ୍ଣାଟକର ସ୍ପିରୁଲିନା ଫାଉଣ୍ଡେସନ ଅପପୁଷ୍ଟି ଉପରେ କାର୍ଯ୍ୟ କରୁଥିବାବେଳେ ଗଜପତିରେ ତେଲେଙ୍ଗାନାର ଓ୍ୱାସାନ ମିଲେଟ ମିଶନ ଏବଂ କଳାହାଣ୍ଡିରେ ନୂଆଦିଲ୍ଲୀର ଆଦିମ ଜାତି ସେବକ ସଂଘ ଶିଶୁ ସୁରକ୍ଷା, ଶିକ୍ଷା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟ କରୁଛି।

# ଯୁବତୀଙ୍କୁ ମାଡ଼ ମାରି ଘର ମାଲିକଙ୍କ ୨ ପୁଅ ଗିରଫ

**ଭୁବନେଶ୍ୱର ୫।୧୨(ମହାଭାରତ):** ଭୁବନେଶ୍ୱର ଖାରବେଳନଗରସ୍ଥିତ ପ୍ଲଟ ନଂ-୨୨କୁ ଭଡ଼ାରେ ନେଇଥିବା ଘର ଖାଲି କରିବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଭଡ଼ାରେ ରହୁଥିବା ଯୁବତୀ ଓ ମାଲିକଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଯୁବତୀଙ୍କୁ ମାଡ଼ ମାରିବା ସହ ଦୁର୍ବ୍ୟବହାର ଘଟଣାରେ ଖାରବେଳନଗର ଥାନା ପୋଲିସ ଘର ମାଲିକଙ୍କ ଦୁଇ ପୁଅଙ୍କୁ ଗତକାଲି ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପ୍ରକାଶ ପ୍ରଧାନ (୨୯) ଓ ପ୍ରଦ୍ୟୁମ୍ନ ପ୍ରଧାନ (୪୨)। କୋର୍ଟଚଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଝଗଡା ବେଳର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ପୋଲିସ ସୂଚନାନୁଯାୟୀ, ପୀଡ଼ିତା ଅଭିଯୋଗକାରିଣୀ ପ୍ଲଟ ନଂ-୨୨ର ତଳମହଲାରେ ଏକ ଘର ନେଇ ୨ବର୍ଷ ହେବ ରହୁଛନ୍ତି। ସେ ଏକ ସଂସ୍ଥାରେ ସେଲ୍ସମ୍ୟାନ ଭାବେ କାମ କରୁଥିବାବେଳେ ଭଡ଼ା ଟଙ୍କା ଦେବାରେ ଅନିୟମିତତା କରିବାରୁ ଘର ଛାଡ଼ିଦେବାକୁ ମାଲିକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ତାଙ୍କୁ ତାଗିଦ୍ କରୁଥିଲେ। ହେଲେ ଅଗ୍ରିମ ଭଡ଼ା ବାବଦକୁ ୩୦ ହଜାର ଟଙ୍କା ଦେଇଥିବାବେଳେ ଉକ୍ତ ଟଙ୍କା ଫେରାଇଲେ ସେ ଘର ଛାଡ଼ିବେ ବୋଲି ପୀଡ଼ିତା ଜଣଙ୍କ କହିଥିଲେ। ଏହାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ଥାନାରେ ଦୁଇ ମାମଲା ମଧ୍ୟ ରହିଛି। ସୋମବାର ମାଲିକଙ୍କ ସ୍ତ୍ରୀଙ୍କୁ ଯୁବତୀ ଜଣଙ୍କ ଗାଳିଗୁଲଜ କରିଥିବା ଅଭିଯୋଗ ପରେ ପୋଲିସ ଆଉ ଏକ ମାମଲା ରୁଜୁ କରିଥିଲା। ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ରୁ ୮ଟା ୩୦ ମଧ୍ୟରେ ରୁମ୍ ପରିସରରେ ପୁଣି ଝଗଡ଼ା ଉଗ୍ରରୂପ ନେଇଥିଲା। ପୀଡ଼ିତା ଯୁବତୀ ଓ ତାଙ୍କ ରୁମମେଟ୍‌ଙ୍କ ମଧ୍ୟରେ ମାଲିକ ପ୍ରଫୁଲ୍ଲ ଏବଂ ତାଙ୍କ ଦୁଇପୁଅଙ୍କ ଝଗଡ଼ା ହୋଇଥିଲା।



ଏହି ସମୟରେ ଯୁବତୀ ଓ ତାଙ୍କ ସାଥୀମାନଙ୍କୁ ଅଭିଯୁକ୍ତମାନେ ଟଣାଓଟରା କରିବା ସହ ଅସଦାଚରଣ କରି ମାଡ଼ ମାରିଥିଲେ। ଏନେଇ ଯୁବତୀଙ୍କ ଏତଲା ଆଧାରରେ ଖାରବେଳନଗର ଥାନା ପୋଲିସ ଏକ ମାମଲା (ନଂ.୫୩୦/୨୦୨୪) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

# ସୋଆରେ ବିଶ୍ୱ ମୃତିକା ଦିବସ ପାଳିତ

**ଭୁବନେଶ୍ୱର,୫।୧୨(ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ର ମୃତିକା ବିଭାଗ ପକ୍ଷରୁ ଗୁରୁବାର ଦିନ ବିଶ୍ୱ ମୃତିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କୃଷି ବିଜ୍ଞାନୀ ତଥା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ହୃଷୀକେଶ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୃତିକାର ଯତ୍ନ ନେବା ଅତ୍ୟନ୍ତ ଆବଶ୍ୟକ ବୋଲି କହିବା ସହ ଏଥିରେ ଥିବା ବିଭିନ୍ନ ଗୁଣାତ୍ମକ ଦିଗ ବିଷୟରେ ଆଲୋଚନା କରିଥିଲେ। ମୃତିକାର ଉପକାରିତା, କ୍ଷୟ ଓ ସୁରକ୍ଷା ବିଷୟରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀମାନେ ମୃତିକାର ସ୍ୱାସ୍ଥ୍ୟ ରକ୍ଷା ଦିଗରେ ସଚେତନ ହେବା ପାଇଁ ଡକ୍ଟର ସେନାପତି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ସାରା ବିଶ୍ୱରେ ମୃତିକା ଦିବସ ରୂପେ ପାଳନ କରାଯାଇଥାଏ। ବର୍ତ୍ତମାନ ଯେଉଁ ଭଳି ଭାବେ ମୃତିକା କ୍ଷୟ ହେବାକୁ ଲାଗିଛି, ଆମେ ସମସ୍ତେ ବର୍ତ୍ତମାନ ଠାରୁ ମୃତିକାର ଯତ୍ନ ଓ ସଂରକ୍ଷଣ କରିବା ଆବଶ୍ୟକ ତାହାଲେ ଆଗାମୀ ପିଢିଙ୍କ ପାଇଁ ଏହା ଲୋପ ପାଇଯିବ ବୋଲି କୁଳପତି କହିଥିଲେ। ମୃତିକା ପରୀକ୍ଷା କରିବା ପାଇଁ ଏକ ମୃତିକା ହସ୍ପିଟାଲ ରହିବା ଜରୁରୀ। ମୃତିକାକୁ ପରୀକ୍ଷା କରି ଏକ କୃଷକ ଜାଣିବା ଦରକାର ଯେ ଏଥିରେ କେତେ ପରିମାଣରେ କଣ ଆବଶ୍ୟକ। ଗତବର୍ଷ ଠାରୁ ଆରମ୍ଭ କରାଯାଇଥିବା ଏହି ମୃତିକା ଦିବସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗଦେଇ କହିଥିଲେ ଯେ ମୃତିକାରୁ ଆମେ ବାସଗୃହ, ଖାଦ୍ୟ ଓ ବସ୍ତ୍ର ପାଇଥାଉ। ମାଟିକୁ ମା' ବୋଲି କୁହାଯାଏ। ଏହି ମାଟି ମା'ର ଯତ୍ନ ନେବା ଜରୁରୀ ବୋଲି ସେ କହିଥିଲେ।ଏ ବର୍ଷର ପ୍ରସଙ୍ଗ 'କେୟାରିଂ ଫର୍ ସଏଲ୍ସ : ମେଜର୍, ମନିଟର୍, ମ୍ୟାନେଜ' ଅର୍ଥାତ୍ ମୃତିକାର ଯତ୍ନ, ମାପ, ମନିଟରିଂ ଓ ଏହାକୁ କିପରି ପରିଚାଳନା କରିବା ଆବଶ୍ୟକ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗ ଦେଇ କହିଥିଲେ ଯେ ଆଗାମୀ ଦିନରେ କୃଷି ମହାବିଦ୍ୟାଳୟରେ ଏଭଳି ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବର୍ଷାଜଳରେ ୫ ଟନ୍ ମୃତିକା କ୍ଷୟ ହୋଇଥାଏ। ୧ଇଂଚ ମୃତିକା ସୃଷ୍ଟି କରିବାକୁ ୧ ହଜାର ବର୍ଷ ଲାଗିଥାଏ।

## କୋର୍ଟ ପରିସରରୁ ନାଗ ସାପ ଉଦ୍ଧାର

**ଭୁବନେଶ୍ୱର, ୫।୧୨ (ମହାଭାରତ) :** ଆଜି ଖୋର୍ଦ୍ଧା ଜିଲ୍ଲା ଜୁଡ଼ିସିଆଲ କମ୍ପ୍ଲେକ୍ସର ପରିସରରୁ ଉଦ୍ଧାର ହୋଇଛି ଏକ ଦୁଇ ଫୁଟ୍ ଲମ୍ବର ଏକ ନାଗ ସାପ। ସାପଟି ମୁଖ୍ୟ ଫାଟକ ସାମ୍ନାରେ ଥିବା ମୁଖ୍ୟ ରାସ୍ତାରେ ଯାଉଥିବା ସମୟରେ ଜଣେ ଡ୍ରାଇଭରଙ୍କ ଆଖିରେ ପଡିଥିଲା। ସେ ପାଟି କରିବାରୁ ସେଠାରେ କର୍ମଚାରୀ ମାନେ ଜମା ହୋଇ ଯାଇଥିଲେ।

ଲୋକଙ୍କୁ ଦେଖି ସାପଟି ଏକ ଷ୍ଟାଣ୍ଡ ତଳେ ଲୁଚି ଯାଇଥିଲା। ସାପକୁ ଚାରି ପଟୁ ଜଗି ରଖି ସ୍ନେକ୍ ହେଲ୍ପ ଲାଇନକୁ ଖବର ଦେଇଥିଲେ ଉପସ୍ଥିତ ଥିବା କର୍ମଚାରୀ ମାନେ। ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

ସାପଟିକୁ ସହର ବାହାରେ ଏକ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ି ଦିଆଯାଇଛି। ତେବେ, ରାଷ୍ଟ୍ରପତି ଆସିବା ବେଳେ ଯଦି ସାପଟି ବାହାରିଥାଆନ୍ତା ତେବେ ନିଶ୍ଚୟ ଅସୁବିଧା ହୋଇ ଥାଆନ୍ତା ବୋଲି କର୍ମଚାରୀ ମାନେ ଚର୍ଚ୍ଚା କରୁଥିଲେ। ଛୋଟ ସାପ ଥିବାରୁ ଜୁଡିସିଆଲ କମ୍ପ୍ଲେକ୍ସ ଭିତରେ ଅଧିକ ସାପ ଥିବାର ସନ୍ଦେହ କରାଯାଉଛି।

# ଲୋକଲଜ୍ଜା ଭୟରେ ପିଲା ଚୋରି ନାଟକ

**ଭୁବନେଶ୍ୱର,୫।୧୨(ମହାଭାରତ.):** ନିଜର କୌଣସି ପିଲାପିଲି ହେଉନଥିଲେ। ଯେଉଁଥିପାଇଁ ମାନସିକ ଦୁଶ୍ଚିନ୍ତାରେ ଥିଲେ। ସେହି ଅପବାଦ ଓ ଲୋକ ଲଜ୍ଜାରୁ ବର୍ତ୍ତିବା ପାଇଁ ପିଲା ଚୋରିର ନାଟକ କରିଥିଲେ ଦମ୍ପତି। ମେଡ଼ିକାଲ୍ ଓଟିରୁ ପିଲା ଚୋରି ହୋଇଥିବା କାନ୍ଦିକାନ୍ଦି ଗଣମାଧ୍ୟମରେ କହିଥିଲେ। ତେବେ ନାଟକର ପୂରା ଚିତ୍ର ସାମ୍ନାକୁ ଆସିବା ପରେ ଗିରଫ ଭୟରେ କ୍ଷମା ମାଗିଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଗୋଡ଼ଭଙ୍ଗା ଗାଁର ସୁଧୀସ୍ମିତା ଜେନା ଓ ତାଙ୍କ ସ୍ୱାମୀ ବିଜୟ କୁମାର ଜେନା। ସୁଧୀସ୍ମିତାଙ୍କର କୌଣସି ପିଲାପିଲି ହେଉନଥିଲେ। ତେଣୁ ସେ ବହୁ ଡାକ୍ତରଙ୍କୁ ଦେଖାଇଥିଲେ। ବହୁ ମେଡ଼ିସିନ୍ ଖାଉଥିଲେ। ଏହା ସତ୍ତ୍ୱେ କୌଣସି ପିଲାପିଲି ହେଉନଥିଲା। ଯାହାକୁ ନେଇ ମାନସିକ ଦୁଶ୍ଚିନ୍ତାରେ ଥିଲେ ସୁଧୀସ୍ମିତା ଓ ବିଜୟ। ସେହି ଅପବାଦରୁ ମୁକୁଳିବା ପାଇଁ ଉଭୟ ପିଲା ଚୋରିର ନାଟକ କରିଥିଲେ।

ଉଭୟ ପିଲା ଚୋରିର ନାଟକ କରିବା ପାଇଁ ଗତ ୩୦ ତାରିଖରେ ନୟାଗଡ ଜିଲ୍ଲା ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ। ମେଡ଼ିକାଲ୍ ବାରଣ୍ଡାରେ ଉଭୟ କିଛି ସମୟ ବସିଥିଲେ। ତା'ପରେ ପ୍ରଥମ ମହଲାରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଯାଇଥିଲେ। ସେଠାରେ ମଧ୍ୟ କିଛି ସମୟ ବସିଥିଲେ। ପରେ ତଳ ମହଲାକୁ ଆସି ପିଲା ଚୋରି ହୋଇଥିବା ନାଟକ କରିଥିଲେ। ନାଟକ ନୁହେଁ ତ, ଛାତି ପିଟି କାନ୍ଦିଥିଲେ ସୁଧୀସ୍ମିତା। ଚାହୁଁ ଚାହିଁ ଏହି ଖବର ତୀବ୍ର ଗତିରେ ବ୍ୟାପି ଯାଇଥିଲା। ମେଡ଼ିକାଲ୍ ଓଟିରୁ ପିଲା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।



ପିଲା ଚୋରି ନେଇ ଖବର ପ୍ରକାଶ ପାଇବା ପରେ ପୁଲିସ୍ ମେଡିକାଲରେପହଞ୍ଚିଥିଲା। ମେଡ଼ିକାଲରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲା। ଯାଞ୍ଚ ପରେ ପୂରା ଘଟଣା ଉପରୁ ପର୍ଦ୍ଦା ହଟିଥିଲା। ସୁଧୀସ୍ମିତା ମେଡ଼ିକାଲରେ ପ୍ରସବ କରିନଥିବା ସ୍ପଷ୍ଟ ହୋଇଥିଲା। ଅଭିଯୋଗ ମିଛ ବୋଲି ଜଣାପଡ଼ିବାପରେ ଦମ୍ପତି ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମେଡ଼ିକାଲ୍ କର୍ତ୍ତୃପକ୍ଷ। ପୁଲିସ ନଂ. ୩୮୭/୨୪ ବିଏନ୍ଏସ୍‌ରେ ଧାରା ୩୧୮(୪),୩(୫)ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

ପୁଲିସ୍ ମାମଲା ରୁଜୁ କରିବା ପରେ କାର୍ଯ୍ୟାନୁଷ୍ଠାନ ଭୟରେ ସତ ଓଗାଳିଥିଲେ ସୁଧୀସ୍ମିତା ଓ ତାଙ୍କ ସ୍ୱାମୀ ବିଜୟ। ନିଜର କୌଣସି ସନ୍ତାନ ହେଉନଥିବାରୁ ସେମାନେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ। ଲୋକ ଲଜ୍ଜା ଓ ମାନସିକ ଭାରସାମ୍ୟ ହରାଇ ପିଲା ଚୋରିର ମିଛ ନାଟକ କରିଥିବାରୁ ମେଡ଼ିକାଲ୍ କର୍ତ୍ତୃପ, ପୁଲିସ୍ ଓ ରାଜ୍ୟବାସୀଙ୍କ ପାଖରେ କ୍ଷମା ପ୍ରାର୍ଥନା କରୁଛନ୍ତି ସୁଧୀସ୍ମିତା ଓ ବିଜୟ।

# ଯୋଗାଡ଼ିଆ ଯୋଗାଣ

ଶାସନ ଭାର ସମ୍ଭାଳିବାର ୬ ମାସ ହେଇନି ଓ ପଦାରେ ପଡ଼ିଗଲାଣି ପାରିବାର ପଣିଆ । କେଉଁଠି ଖୋଦ ମୁଖ୍ୟମନ୍ତ୍ରୀ ତ୍ରିରଙ୍ଗାକୁ ତିରଙ୍ଗା ଲେଖିଲେଣି ତ ସମ୍ବିଧାନ ଦିବସକୁ ସ୍ୱାଧୀନତା ଦିବସ କହିଲେଣି । ଓଡ଼ିଆ ଅସ୍ମିତା କଣ,କେତେ ଗଭୀର ଏହାର ଅର୍ଥ ତାହା ତାମିଲ ଶାସନ ଗଲା ପରେ କିଛି କିଛି ବୁଝିଲେଣି ଜନତା । ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଗଲା, କେଉଁ ଦ୍ୱାର ବାଟେ କିଏ କେମିତି ଗଲେ,କେମିତି ବାହାରୁଛନ୍ତି ତାହା ଛାତିଶ ନିଯୋଗରେ ଆଲୋଚନା ହେଲାଣି । ତାମିଲନାଡୁରୁ ଆସିଥିବା ଋବିରେ ରତ୍ନଭଣ୍ଡାର ଖୋଲିବା ପରେ ଗଣତି ମଣତି ହୋଇ ମହାପ୍ରଭୁଙ୍କର କେତେ ଅଳଙ୍କାର ରହିଛି, କେତେ ଯାଇଛି ତାହା ବୋଧହୁଏ ନୂତନ ମାର୍ଗଦର୍ଶିକା ବାହାରିବା ପରେ ଜଣାପଡିବ। ବାରମ୍ବାର ଅଦଳ ବଦଳ ହେଉଥିବା ଗାଇଡଲାଇନ ଅନୁସାରେ ମହିଳା ସଶକ୍ତ ହେଉଥିବାବେଳେ ଭରତପୁର ଥାନା ଘଟଣା ଆଇନଶୃଙ୍ଖଳା ପ୍ରତି ଯେଉଁ ଇଙ୍ଗିତ କରିଥିଲା, ରାଜ୍ୟପାଳଙ୍କ ପୁଅ ଓଡ଼ିଆ। ସରକାରୀ କର୍ମଚାରୀଙ୍କୁ ମାଡ ମାରିବା ଘଟଣା ଭଳି ତାହା ପବନରେ ମିଶିଯିବ ବୋଲି ଶୁଣିବାକୁ ମିଳୁଛି। କେଦାରନାଥରୁ ୨୨୮ କିଲୋ ସୁନା ଗାଏବ ହୋଇଯାଇଛି କହି ବଦ୍ରିନାଥ ଧାମ ଶଙ୍କରାଚାର୍ଯ୍ୟ ନିରାଶ ହେବା ପରେ ଭୁବନେଶ୍ୱର ବିମାନବନ୍ଦରରୁ ଗୁଜରାଟର ଜେଟ ବିମାନରେ ଉଡାଣ ଭରିବା ପୂର୍ବରୁ ଜବତ ହୋଇଥିବା ସୁନା କାହାର ଥିଲା ତାହାର ଟେର କାହାକୁ ମିଳିଲାନି ଓ ବଦଳି ପ୍ରକ୍ରିୟାରେ ବିରାମ ଲାଗିନଥିବା ବେଳେ ରଙ୍ଗ ଓ ନାମ ବଦଳାଇବା କାର୍ଯ୍ୟକ୍ରମ ପାଇଁ ସରକାରକୁ ମିଳୁନି ଫୁରସତ ଓ ଏପଟେ ରେଭେନ୍‌ଶାଙ୍କ ନାମ ହଟାଇ କଣ ନାମକରଣ କରାଯିବ ତାହାର ଅଙ୍କ ଛିଡି ନାହିଁ,ସମ୍ବଲପୁରରେ ଏମ୍ସ ହେବାର ଘୋଷଣା ସରିଲାଣି। ଏପଟେ ଡିଜିପି ସମ୍ମିଳନୀ, ନୌସେନା ପ୍ରଦର୍ଶନ ଓ ରାଷ୍ଟ୍ରପତିଙ୍କ ୫ ଦିନିଆ ଗସ୍ତ ନେଇ ସାରା ଓଡିଶାରେ ଚହଳ ଓ ପ୍ରତ୍ୟେକ ଓଡ଼ିଆ ଏଣିକି ଖୋଜିବ ବିଶ୍ୱ ମାନଚିତ୍ରରେ ଓଡିଶା ଓ ଖୋଦ ପ୍ରଧାନମନ୍ତ୍ରୀଙ୍କୁ ନିଜ ଗହଣରେ ପାଇ ଆଜି ଗର୍ବିତ ସ୍ମାର୍ଟ ସିଟି, ଭୁବନେଶ୍ୱର ଓ ଚାରିଆଡେ ଜୟ ଜଗନ୍ନାଥ,ମୋଦି... ମୋଦି ଧ୍ୱନିରେ ପ୍ରକମ୍ପିତ ରାଜ୍ୟର ବାୟୁମଣ୍ଡଳ। ସଫଳ ପ୍ରଶାସନିକ ପରିଚାଳନା ପାଇଁ ଅଣ - ଓଡ଼ିଆ। ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ବୃଦ୍ଧି ହେବାର ସମ୍ଭାବନା ବଢିଯାଇଛି ସତ ହେଲେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ। ପନିପରିବା ଦର ଆକାଶଛୁଆଁ ହେଲାଣି,ଏଥିପାଇଁ କେହି ବିଚଳିତ କିମ୍ବା ବିବ୍ରତ ହେବାର ସମ୍ଭାବନା ନାହିଁ । ବିଶେଷ କରି ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବାର ସମ୍ଭାବନା ହେଉ ଅଥବା ଆଶଙ୍କା ହେଉ,ଯୋଗାଣ ବିଭାଗ ଯୋଗାଡ଼ିବାରେ ଯେଉଁ ବ୍ୟଗ୍ରତା, ବ୍ୟସ୍ତତା। ବ୍ୟବ୍ୟସ୍ଥା ପ୍ରକାଶ କରିଛନ୍ତି, ତାହା ବାସ୍ତବିକ ପ୍ରଶଂସନୀୟ ଓ ବିଭାଗୀୟ ମନ୍ତ୍ରୀ ନିଜେ ପ୍ରତ୍ୟକ୍ଷ ତଦାରଖ କରି ଖାଉଟି ମାନଙ୍କର ଦୁରବସ୍ଥା ହୃଦୟଙ୍ଗମ କରିପାରିଛନ୍ତି । ମନ୍ତ୍ରୀ ସାମ୍ବାଦିକ ମାନଙ୍କର ତେରେଛା ବାଣରେ ସିନା ସଂଯମତା ହରାଇ କହିଦେଲେ,ଆମେ କଣ ମାଗିଖିଆ। ହେଇଛୁ ଯେ,ପଶ୍ଚିମବଙ୍ଗକୁ ଭିକ ମାଗିବୁ ଓ ବଙ୍ଗଳା ଆଳୁ ନଦେଲେ ନାଇଁ,ଆମେ ପରା ଉତ୍ତର ପ୍ରଦେଶରୁ ୩୦୦ ଟ୍ରକ ଆଳୁ ମଗାଇଛୁ । ଆଳୁ କେଜି ୩୫ ଟଙ୍କାରେ ମିଳୁଛି ବୋଲି ମନ୍ତ୍ରୀ କହିଦେଲେ ସିନା, ଲୋକେ କେଜି ୬୦ ଟଙ୍କାରେ କିଣି ମନ୍ତ୍ରୀ ମିଛ କହୁଛନ୍ତି ଓ ବଜାର ଦର ନିୟନ୍ତ୍ରଣରେ ସରକାର ସମ୍ପୂର୍ଣ୍ଣ ବିଫଳ ହେଇଛନ୍ତି । କିଛି ଦିନ ପୂର୍ବେ ସାଧାରଣ ବଣ୍ଟନ ବ୍ୟବସ୍ଥା ଭୁଶୁଡିବା ଫଳରେ କାନ୍ଧମାଳରେ ଆମ୍ବ ଟାକୁଆ ଜାଉ ଖାଇ ୩ ଜଣଙ୍କର ଜୀବନ ଗଲା ଓ ମନ୍ତୀ ସଫେଇ ଦେଇଥିଲେ, ଆମ୍ବ ଟାକୁଆ ଜାଉ ଜନଜାତିର ପାରମ୍ପରିକ ଖାଦ୍ୟ ଓ ପ୍ରତି ଟି ଜୀବନ ମୂଲ୍ୟବାନ କଥା କହିଲେ ନାହିଁ ଓ ଅନାହାର ମୃତ୍ୟୁକୁ ବି ସ୍ୱୀକାର କରିପାରିଲେ ନାହିଁ । ସାଧାରଣ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତାକୁ ନେଇ ମଧ୍ୟ ଅସନ୍ତୋଷ ବଢ଼ିବାରେ ଲାଗିଲାଣି ଓ କାମ କମ କଥା ବେଶି କହୁଥିବା ସରକାର କଥା କମ କାମ ବେଶି ନୀତିକୁ ମଧ୍ୟ ପାରିବର୍ତ୍ତନର ନୂଆ। ରଙ୍ଗ ବୋଳିଦେଲେ। ଯୋଗାଣ ମନ୍ତ୍ରୀ ଯୋଗାଡ଼ କରିଦେଲେ, ଆମେ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ଆଳୁ ଯୋଗାଇଦେବୁ, ଆମେ କଳାବଜାର କାହିଁକି କରିବୁ ବୋଲି ବ୍ୟବସାୟୀ ସଂଘ ସିଧାସଳଖ ସରକାରଙ୍କ ଅପାରଗତା,ଅପରିଣାମଦର୍ଶିତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ଗରିବ,ମଧ୍ୟବିତ୍ତ ନା ଏ କୂଳର ହେଇପାରୁଛନ୍ତି, ନା ସେ କୂଳର ଓ ମଝି ଦରିଆରେ ଭାସିବା ବିନା ଅନ୍ୟ ଗତି ନାହିଁ । ଯୋଗାଡ଼ିଆ ଯୋଗାଣ ମନ୍ତ୍ରୀ କେବେ ପଶ୍ଚିମବଙ୍ଗ, ପଞ୍ଜାବ ଓ ଉତ୍ତର ପ୍ରଦେଶରୁ ଆଳୁ ଆଣିବେ ଆଉ ଦର ଯେପରି ୬ ମାସ ପୂର୍ବରୁ କେଜି ପିଛା ୨୦ ଟଙ୍କା ଥିଲା, ସେଇ ସ୍ତରକୁ ଖସିଆସିବ ବୋଲି ଆଶା ବାନ୍ଧି ବସିଛନ୍ତି ।

# ମହାଯୋଗୀ ଶ୍ରୀ ଅରବିନ୍ଦ

## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧୀନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଇଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ



ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ ।

ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା ।

ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ୍ୟ ସାର୍ଥକ ହୋଇପାରିବ । ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ । ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : rjyotiranjanchampatray123@gmail.com

# ଆକାଶ ଦୀପ

## ଡ଼ଃ.ଅରୁନ୍ଧତୀ ଦେବୀ

ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ଅତି ପ୍ରାଚୀନ କାଳରୁ ବହୁ ଓଷା, ବ୍ରତ, ପର୍ବପର୍ବାଣି ତଥା ବିଧିବିଧାନ ଅନୁସୃତ ହୋଇଆସିଛି । ଏସବୁକୁ ଅବଶ୍ୟ ପାଳନ କରିବା ନିମନ୍ତେ ଧର୍ମଶାସ୍ତ୍ରମାନେ ମାର୍ଗଦର୍ଶନ କରିଛନ୍ତି । ସେଥିମଧ୍ୟରୁ କାର୍ତ୍ତିକମାସରେ ବିବିଧ ଧର୍ମୀୟ ଆଚରଣ ଅନ୍ତର୍ଗତ ଆକାଶଦୀପ ବ୍ୟବସ୍ଥା ଅନ୍ୟତମ । ଆମ ଓଡ଼ିଶାରେ ଆକାଶଦୀପ ପରମ୍ପରା ବହୁଳଭାବେ ଦେଖାଯାଏ । ଚଉରାମୂଳେ ଏକ ବାଉଁଶ ପୋତାଯାଇ ଏହାର ଶୀର୍ଷରେ ଆକାଶ ଦୀପ ଜଳାଇବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ବିଶେଷ କରି କାର୍ତ୍ତିକବ୍ରତ ପାଳନ କରୁଥିବା ଧର୍ମପ୍ରାଣ ମହିଳାମାନେ ମାସସାରା ଆକାଶଦୀପ ଜାଳିଥାନ୍ତି । ମୁନି ଋଷିମାନଙ୍କ ନିର୍ଣ୍ଣୟ ଅନୁସାରେ ସୂକ୍ଷ୍ମ ତଥା ଅଦୃଶ୍ୟ ସତ୍ତାରେ ଅବସ୍ଥାନ କରୁଥିବା ପିତୃଲୋକ ଓ ଦେବଲୋକ ଆଶ୍ୱିନ ଓ କାର୍ତ୍ତିକମାସରେ ଆର୍ଯ୍ୟାବର୍ତ୍ତର ନିକଟବର୍ତ୍ତୀ ହୋଇଥାଏ । ପିତୃ ଓ ଦେବ ଲୋକମାନଙ୍କ ସନ୍ତୋଷ ନିମନ୍ତେ ବେଦରେ ନାନା ପ୍ରକାର ଧର୍ମୀୟ ବିଧିବ୍ୟବସ୍ଥା ରହିଛି । ଆକାଶଦୀପ ପ୍ରଜ୍ୱଳନ ଫଳରେ ପିତୃଲୋକ ଓ ଦେବତାମାନଙ୍କ ପଥ ଆଲୋକିତ ହୋଇଥାଏ । ଏହାଦ୍ୱାରା ଦେବତା ଓ ପିତୃପୁରୁଷଙ୍କ ଠାରୁ କୃପା ତଥା ଆଶୀର୍ବାଦ ମିଳିଥାଏ ବୋଲି ଭାରତୀୟମାନଙ୍କର ବିଶ୍ୱାସ ରହିଛି । ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି ଯେ କାର୍ତ୍ତିକ ମାସରେ ଆକାଶଦୀପ ପ୍ରଜ୍ୱଳନରେ ଦେବତାମାନେ ସନ୍ତୁଷ୍ଟ ହେଲେ ଦେଶ ଶସ୍ୟଶ୍ୟାମଳା ହୁଏ । ଅନାବୃଷ୍ଟି, ଅତିବୃଷ୍ଟି, ବାତ୍ୟା, ବନ୍ୟା, ଭୂକମ୍ପ ଆଦି ପ୍ରାକୃତିକ ବ୍ୟୁତ୍ପାତ ଦୂର ହୋଇଥାଏ । ସେହିପରି ପିତୃଲୋକ ସନ୍ତୁଷ୍ଟ ହେଲେ ଜ୍ଞାନବାନ, ସୁଚରିତ୍ର କୁଳନନ୍ଦନ ଜାତ ହୋଇ କୁଳର ଗୌରବ ଘଟାଇଥାଏ । ଏହାଛଡ଼ା ଗନ୍ଧର୍ବ, ଯକ୍ଷ ଓ ଅପ୍ସରାଗଣ ସନ୍ତୁଷ୍ଟ ହେଲେ ମନୁଷ୍ୟର ରୋଗ ବ୍ୟାଧି ଦୂର ହେବା ସହ ଧନ ଧାନ୍ୟ ଅଭିବୃଦ୍ଧି ତଥା ନାନା ବିଦ୍ୟା ଲାଭ ହୁଏ । କାର୍ତ୍ତିକ ମାସରେ ଅକାଶଦୀପ ବ୍ୟତୀତ ଅନ୍ୟ ୪ ପ୍ରକାର ଦୀପର ପରମ୍ପରା ଶାସ୍ତ୍ରରେ ରହିଛି । ସେଗୁଡ଼ିକ ହେଲା ଦୀପ, ଶିଖରଦୀପ, ମହାଦୀପ ଓ ଅଖଣ୍ଡଦୀପ ।

ଆକାଶଦୀପ ପ୍ରଜ୍ୱଳନ ଜନିତ ପୁଣ୍ୟଫଳ ସମ୍ପର୍କରେ ପୁରାଣଶାସ୍ତ୍ରରେ ବହୁ ବର୍ଣ୍ଣନା ରହିଛି । 'ସ୍କନ୍ଦ ପୁରାଣ'ରେ କୁହାଯାଇଛି - 'ପିତୃପକ୍ଷେଽନ୍ନ ଦାନେନ ଜ୍ୟେଷ୍ଠ ମାସିଚ ବାରିଣା, କାର୍ତ୍ତିକେ ତତ୍ଫଳମ୍ ଫୁସାଂ ପରଦୀପ ପ୍ରବୋଧନାତ୍ ।' ଅର୍ଥାତ୍ ପିତୃପକ୍ଷରେ କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ, ଜ୍ୟେଷ୍ଠ ମାସରେ ଜଳସଂକଟ କାଳରେ ତୃଷାର୍ତ୍ତଙ୍କୁ ଜଳଦାନ କଲେ ଦାତାଙ୍କୁ ଯେଉଁ ଫଳ ମିଳେ ତଦ୍ରୂପ ଫଳମିଳିଥାଏ କାର୍ତ୍ତିକମାସରେ ଆକାଶଦୀପ ପ୍ରଜ୍ୱଳନରେ । ସେହିପରି 'ପଦ୍ମପୁରାଣ'ରେ ରହିଛି - 'ଉଚ୍ଚୈ ପ୍ରଦୀପମ୍ ଆକାଶେ ଯୋ ଉଦ୍ୟାତ୍ କାର୍ତ୍ତିକେ ନରଃ, ସର୍ବେଂ କୁଳଂ ସମୃଦ୍ଧୃତ୍ୟ ବିଷ୍ଣୁଲୋକମ୍ ଅବାପ୍ନୟାତ୍ ।' ପୁଣି ସେହି ପଦ୍ମପୁରାଣରେ କୁହାଯାଇଛି - 'ବିଷ୍ଣୁକେଶନମ୍ ଉଦ୍ଦିସ୍ୟ ଦୀପଂ ଦଦ୍ୟାତ୍ ତୁ କାର୍ତ୍ତିକେ ଆକାଶସ୍ଥଂ ଜଳସ୍ଥଂ ଚ ଶୃଣୁ ତସ୍ୟାପି ଯତ୍ ଫଳମ୍ ।' ଆକାଶଦୀପ ପ୍ରଜ୍ୱଳନ ସମୟରେ ଯେଉଁ ଶ୍ଳୋକ ଉଚ୍ଚାରଣ କରିବାକୁ ହେବ ତାହା 'ହରିଭକ୍ତି ବିଳାସ'ରେ ଉଲ୍ଲେଖ ରହିଛି । ତାହାହେଲା 'ଦାମୋଦରାୟ ନଭସି ତୁଳାୟାଂ ଲୋଳୟା ସହ ପ୍ରଦୀପନ୍ତେ ପ୍ରଯଚ୍ଛାମି ନମୋନନ୍ତାୟ ବେଧସେ ।' ଶାସ୍ତ୍ରାନୁସାରେ ଦୀପ ସୁବର୍ଣ୍ଣ ଧାତବାଦି ଅଥବା ମୃଣ୍ମୟ ପାତ୍ରରେ ନିର୍ମିତ ହୋଇଥିବା ବିଧେୟ । କାର୍ପାସ ବର୍ତ୍ତିକା ଓ ଗବ୍ୟ ଘୃତ ହିଁ ଆକାଶଦୀପର ଉତ୍ତମ ଉପକରଣ । କିନ୍ତୁ କ୍ଷେତ୍ର ବିଶେଷରେ ତିଳତୈଳ ଯୋଗେ ମଧ୍ୟ ଆକାଶଦୀପ ଦାନ କରାଯାଇପାରେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ସଂସଦରେ ହଟ୍ଟଗୋଳ : ଉତ୍ତରଦାୟୀ ହେବା ଆବଶ୍ୟକ

## ଗୋପାଳ ମହାପାତ୍ର

ଲୋକସଭା ହେଉ ବା ରାଜ୍ୟସଭା ଅଥବା ରାଜ୍ୟମାନଙ୍କର ବିଧାନସଭାର ଅଧିବେଶନରେ ସାଧାରଣ ଜନତା ଏବଂ ଦେଶ ରାଜ୍ୟର ବିକାଶ ବାବଦରେ ଆଲୋଚନା ହେବା କଥା। କିନ୍ତୁ ସଂସଦ ଏବଂ ବିଧାନସଭାର କୌଣସି ବି ଅଧିବେଶନ ବିନା ହଟ୍ଟଗୋଳରେ ଚାଲୁନାହିଁ। ସଂସଦ ଓ ବିଧାନସଭାର ଅଧିବେଶନରେ ହୋ ହାଲ୍ଲା ହଟ୍ଟଗୋଳ ଏବେ ଏକ ଦୁଷ୍ପ୍ରଭାବି ପରମ୍ପରାରେ ପରିଣତ ହୋଇଗଲାଣି। ଏହି ଅବସ୍ଥାର ପରିବର୍ତ୍ତନ ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଯେଉଁ ସଦନରୁ ଲୋକଙ୍କୁ କିଛି ମିଳିବା କଥା ତାହା ହଟ୍ଟଗୋଳ କାରଣରୁ ମିଳି ପାରୁନାହିଁ। ହୋହାଲ୍ଲା ହଟ୍ଟଗୋଳ କାରଣରୁ କାହାରି କିଛି ଲାଭ ହେଉନାହିଁ ବରଂ କ୍ଷତି ହେଉଛି। ବିଡ଼ମ୍ବନା ଯେ ହଟ୍ଟଗୋଳ କୁ ନିଜର ବିଜୟ ଭଳି ପ୍ରସ୍ତୁତ କରଯାଉଛି। ଲୋକସଭା, ରାଜ୍ୟସଭା ଓ ବିଧାନସଭା ମାନଙ୍କରେ ଅଧିବେଶନ ବେଳେ କୌଣସି ନା କୌଣସି ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିବା ଏକ ରାଜନୈତିକ ସ୍ୱଭାବ ପାଲଟିଗଲାଣି। ଯେତେବେଳେ ଯେଉଁ ଦଳ ବିପକ୍ଷରେ ରହୁଛି ସିଏ ହୋ ହାଲ୍ଲା କରିବା ପାଇଁ ପସନ୍ଦ କରୁଛି। କଂଗ୍ରେସ ସରକାରରେ ଥିବା ବେଳେ ବିଜେପି ସମେତ ଅନ୍ୟ ବିରୋଧି ଦଳମାନେ ହୋ ହାଲ୍ଲା କରୁଥିଲେ ଓ ଏବେ ବିଜେପି ସରକାରରେ ଥିବା ବେଳେ କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳମାନେ ହୋହାଲ୍ଲା କରୁଛନ୍ତି। ଏହି ହୋହାଲ୍ଲା ପାଇଁ ସରକାରୀ ଦଳ ଓ ବିରୋଧି ଦଳଙ୍କୁ ଉତ୍ତରଦାୟୀ କରାଯିବା ଦରକାର। କାରଣ ଅଧିବେଶନ ଓ ଅଧିବେଶନରେ ଭାଗ ନେଉଥିବା ଜନପ୍ରତିନିଧି ମାନଙ୍କ ଖର୍ଚ୍ଚ ବାବଦ ଅର୍ଥ ଦେଶର ଟିକସଦାତାଙ୍କ ପକେଟରୁ ହିଁ ଯାଇଥାଏ।

ଅନେକ ସମୟରେ ଦେଖାଯାଇଥାଏ ଯେ ବିପକ୍ଷ (ବିରୋଧିଦଳ) ତାଙ୍କ ହିସାବରେ ପ୍ରସଙ୍ଗ ଉଠାଇଥାନ୍ତି। ପ୍ରସଙ୍ଗକୁ ନେଇ ସାର୍ଥକ ଆଲୋଚନା କରିବା ପରିବର୍ତ୍ତେ ସଂସଦ କେମିତି ଚାଲିନପାରିବ ସେକଥାକୁ ବିରୋଧିଦଳ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ବିରୋଧି ଦଳ ମାନେ ସରକାରଙ୍କୁ ସଂସଦରେ ଘେରିବା ବା ବିରୋଧ କରିବା ପାଇଁ ନିଜେ ପ୍ରସଙ୍ଗର ଚୟନ କରିନଥାନ୍ତି। ସେଇ ପ୍ରସଙ୍ଗକୁ ନେଇ ବିରୋଧ କରିବା ଆରମ୍ଭ କରିଥାନ୍ତି ଯାହା ଅଧିବେଶନର ପୁର୍ବରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏବେର ସଂସଦର ଶୀତକାଳୀନ ଅଧିବେଶନ ପୁର୍ବରୁ ସମସ୍ତଙ୍କୁ ଜଣାଥିଲା ଯେ ମଣିପୁର ଏବଂ ଆଦାନୀ ପ୍ରସଙ୍ଗ ସହ ସମ୍ଭଲ ପ୍ରସଙ୍ଗ ମଧ୍ୟ ବିରୋଧିଙ୍କ କାର୍ଯ୍ୟସୂଚୀରେ ଆସିବ। ଏ ପ୍ରସଙ୍ଗ ମଧ୍ୟ ବିରୋଧିଦଳର କାର୍ଯ୍ୟସୂଚୀରେ ରହିବା ଉଚିତ୍, କିନ୍ତୁ ଏଥିପାଇଁ କ'ଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ପ୍ରସଙ୍ଗକୁ ଚୟନ କରାଯିବ ନାହିଁ କି? ସରକାର କ'ଣ ଏସବୁ ପ୍ରସଙ୍ଗର ଉତ୍ତର ଦେବେ ନାହିଁ? ଦେଶରେ ବେରୋଜଗାରୀ, ଦରଦାମବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ସହରୀକରଣ ସମେତ ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ବ୍ୟାପକ ବିଚାର ବିମର୍ଷ ହେବା ଆବଶ୍ୟକ। କିନ୍ତୁ ବିରୋଧିଦଳ ଏସବୁ ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ପାଇଁ ଗୁରୁତ୍ୱ ଦେଉ ନାହାଁନ୍ତି କାହିଁକି ସେ କଥା ଜଣାପଡୁନାହିଁ। ବିରୋଧି ହଟ୍ଟଗୋଳ କରି ସଂସଦର କାର୍ଯ୍ୟକୁ ବାଧାପ୍ରାପ୍ତ କରାଉଛନ୍ତି ହେଲେ ଏମିତି କରି ଲୋକଙ୍କ ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବାରେ କେତେ ସକ୍ଷମ ହେଉଛନ୍ତି ସେକଥା ସମୟ ହିଁ କହିବ। ସବୁ ରାଜନୈତିକ ଦଳ ଏବଂ ଜନପ୍ରତିନିଧି ଜାଣନ୍ତି ଯେ ଜନତା ହୋହାଲ୍ଲା ନୁହେଁ ରାଷ୍ଟ୍ରୀୟ ମହତ୍ୱ ଥିବା ପ୍ରସଙ୍ଗରେ ସରକାରଙ୍କ ଉତ୍ତର ଚାହାଁନ୍ତି। ସଂସଦରେ ହୋହାଲ୍ଲା କରୁଥିବା ବିରୋଧି ଏ ବାବଦରେ ବିଚାର କରିବା ଆବଶ୍ୟକ। ଶାସକ ଦଳ ମଧ୍ୟ ସଂସଦ କେମିତି ଠିକ୍ ଭାବରେ ଚାଲିବ ସେକଥା ଦେଖିବା ଉଚିତ। ଏଥିପାଇଁ ବିରୋଧି ଦଳ କେମିତି ସରକାରଙ୍କ ଉପରେ ଭରଷା କରିପାରିବେ ଏବଂ ଗୁରୁତ୍ୱପୁର୍ଣ୍ଣ ପ୍ରସଙ୍ଗ ଉପରେ କେମିତି ଆଲୋଚନା ହୋଇପାରିବ ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ। ଶାସକ ଓ ବିରୋଧିଙ୍କ ମଧ୍ୟରେ କଟୁତା ଦୁର ହେବା ଉଚିତ ଓ ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଶାସକ ଓ ବିରୋଧି ଓ ଭୟେ ଉଭୟଙ୍କୁ ଆଦର ସମ୍ମାନ କରିବେ।

ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହ ହୋହାଲ୍ଲା ଯୋଗୁଁ ବାଧିତ ହୋଇଛି। ଏମିତି ହେବ ବୋଲି ମଧ୍ୟ ଆଗରୁ ଜଣାଥିଲା କାରଣ କଂଗ୍ରେସ ଏବଂ କିଛି ଅନ୍ୟଦଳ ମାନେ ଆଦାନୀ ପ୍ରକରଣ, ମଣିପୁରହିଂସା ସମେତ ଅନ୍ୟ କେତେକ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବେ ବୋଲି କହିସାରିଥିଲେ। ଏଥିରେ ସମ୍ଭଲରେ ଘଟିଥିବା ହିଂସାକାଣ୍ଡ ପ୍ରସଙ୍ଗ ମଧ୍ୟ ଯୋଡି ହୋଇଗଲା। ଆଦାନୀ ପ୍ରସଙ୍ଗ କିଛି ଦିନ ପୁର୍ବରୁ ମୁଖ୍ୟ ଚର୍ଚ୍ଚାର ପ୍ରସଙ୍ଗ ଥିଲା। ଏହା ହୁଏତ ଦୁର୍ଭାଗ୍ୟ ହୋଇପାରେ ଯେ ଅଧିବେଶନ ପୁର୍ବରୁ ଏଭଳି ସମ୍ବେଦନଶୀଳ ମାମଲା ସାମନାକୁ ଆସିଯାଉଛି। ଅତୀତରେ ପେଗାସେସ ଗୁଇନ୍ଦା କାଣ୍ଡ ଏବଂ ଆଦାନୀ ଗ୍ରୁପ୍ ବାବଦରେ ହିଣ୍ଡେନବର୍ଗ ରିପୋର୍ଟ ମଧ୍ୟ ସଂସଦ ଅଧିବେଶନ ପୁର୍ବରୁ ଆସିଥିଲା।

କଂଗ୍ରେସ ଏବଂ ଅନ୍ୟ ବିରୋଧି ଦଳମାନେ ଅଚାନକ ଆସୁଥିବା ଏ ଭଳି ପ୍ରସଙ୍ଗକୁ ହାତଛଡା କରିବେ ବା କରିଥାନ୍ତେ କେମିତି ? କିନ୍ତୁ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ଅଧିବେଶନରୁ ଜନତା ଏବଂ ଦେଶକୁ କ'ଣ ମିଳିଲା ତାର ଉତ୍ତର ଶାସକ ଦଳ ବା ବିରୋଧି କେହି ଦେଇ ପାରିବେ ନାହିଁ। ସଂସଦରରେ ଲୋକଙ୍କ ସମସ୍ୟା ଉତ୍‌ଥାପନ କରାଯାଉନାହିଁ କାହିଁକି ? ଏକଥା ନୁହେଁ ଯେ ବିରୋଧିଦଳ ପକ୍ଷରୁ ଜନଜୀବନ ସହ ଜଡିତ ପ୍ରସଙ୍ଗ ଉଠାଇବା ପାଇଁ ପ୍ରୟାସ କରାଯାଉ ନାହିଁ। କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ମୋଦୀ ସରକାର ବିପକ୍ଷ ମୁକ୍ତ ସଂସଦ ଚାହୁଁଛନ୍ତି ଯେଉଁଥିପାଇଁ ବିରୋଧି ମାନେ ଏପରି କରିବାକୁ ଏକପ୍ରକାର ବାଧ ହେଉଛନ୍ତି ବୋଲି ରାଜନୈତିକ ବିଶ୍ଳେଷକ ମାନଙ୍କ ମତ।

ସଂସଦର ଗୋଟିଏ ଦିନର ଅଧିବେଶନ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ସେବାବଦରେ ସମସ୍ତେ ଜାଣିବା ଉଚିତ୍। ଲୋକମାନଙ୍କ ଦ୍ୱାରା ନିର୍ବାଚିତ ନେତା ମାନେ ସଂସଦରେ ହଟ୍ଟଗୋଳ କରି ଦେଶର ଅର୍ଥ ଅର୍ଥ ବ୍ୟବସ୍ଥାକୁ ଦୁରୁସ୍ତ କରୁଛନ୍ତି ବୋଲି ମଧ୍ୟ କୁହାଯାଇ ପାରିବ। ସଂସଦରେ ହଟ୍ଟଗୋଳ କାରଣରୁ ସଂସଦ ଚାଲିନପାରିବାରୁ ଅଧିବେଶନର ପ୍ରତି ମିନିଟ ପାଇଁ ବ୍ୟୟ ହେଉଥିବା ଅଢ଼େଇ ଲକ୍ଷ ଟଙ୍କା ନଷ୍ଟ ହେଉଛି। ଅର୍ଥାତ୍ ସଂସଦର ଅଧିବେଶନ ବେଳେ ପ୍ରତିମିନିଟ ପାଇଁ ଅଢେଇଲକ୍ଷ ଟଙ୍କା ବ୍ୟୟ ହୋଇଥାଏ ଓ ଏହି ବ୍ୟୟ ବାବଦ ଅର୍ଥ ହେଉଛି ଦେଶର ଟିକସଦାତା/ ଜନତାଙ୍କ ଅର୍ଥ। ଏଣୁ ସଂସଦ ନଚାଲିବାରୁ ପ୍ରତିମିନିଟରେ ଲୋକଙ୍କର ଅଢେଇଲକ୍ଷଟଙ୍କା ବରବାଦ ହେଉଛି ଅର୍ଥାତ୍ ପ୍ରତି ଘଣ୍ଟାରେ ଦେଢ଼ କୋଟି ଖର୍ଚ୍ଚ ହୋଇ ଯାଉଛି କିନ୍ତୁ ଫଳ ଶୁନ୍। ଏଣୁ ଶାସକ ଓ ବିରୋଧି ନିଜର ଉତ୍ତରଦାୟୀତ୍ୱ ସ୍ଥିର କରିବା ଆବଶ୍ୟକତା ରହିଛି ଲୋକ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି ଏଣୁ ସାବଧାନ ହେବା ଉଚିତ୍।

ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪

# ପ୍ରାଚୀନ କଥା-ସାହିତ୍ୟ 'ପଞ୍ଚତନ୍ତ୍ର'

## ଡକ୍ଟର ସୁରେଶ କୁମାର ନାୟକ

ବାଇବେଲ୍ ପରେ ନୀତିକଥା ସମ୍ବଳିତ ପ୍ରାଚୀନ ଭାରତୀୟ କଥା-ସାହିତ୍ୟ 'ପଞ୍ଚତନ୍ତ୍ର' ସର୍ବାଧିକ ଲୋକପ୍ରିୟ । ସମସ୍ତ ଭାରତୀୟ ଭାଷାରେ ତଥା ଇଂଲିଶ୍ ସମେତ ବିଶ୍ୱର ପ୍ରାୟ ୫୦ଟି ଭାଷାରେ ଏହା ଅନୂଦିତ ହୋଇଥିବା ଜଣାଯାଏ । ଅଦ୍ୟାବଧି ଏହାର ୭ଶହରୁ ଉର୍ଦ୍ଧ୍ୱ ସଂସ୍କରଣ ପ୍ରକାଶିତ । ଏଥିରୁ ଏହାର ଲୋକପ୍ରିୟତା ସହଜରେ ଅନୁମାନ କରାଯାଇପାରେ । ମୂଳ ପଞ୍ଚତନ୍ତ୍ର ସଂସ୍କୃତ ଭାଷାରେ ଲେଖାଯାଇଥିଲା । ତେବେ କେଉଁ ପ୍ରାଚୀନ କାଳରୁ ଏହା ଉପଲବ୍ଧ ନୁହେଁ । ଏହାକୁ କିଏ ରଚନା କରିଥିଲେ ଏହାକୁ ନେଇ ମଧ୍ୟ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ଜନୈକ ପଣ୍ଡିତ ବିଷ୍ଣୁ ଶର୍ମା ଏହାର ରଚୟିତା ବୋଲି ଗ୍ରହଣ କରାଯାଏ । ତେବେ ସେ କେଉଁଠିକାର ବାସିନ୍ଦା ଥିଲେ ଏହାକୁ ନେଇ ମଧ୍ୟ ସନ୍ଦେହ ରହିଛି । ତାଙ୍କୁ କଶ୍ମିରୀ ପୁଣି କନ୍ନଡ଼ ପୁଣି ଗୁଜୁରାଟୀ ପୁଣି ଓଡ଼ିଆ ବୋଲି ମଧ୍ୟ ଦାବି କରାଯାଏ । ମାଠର ବଂଶୀୟ ରାଜା ଅନନ୍ତଶକ୍ତି ବର୍ମାଙ୍କ ରାଜସଭାରେ ସେ ପଣ୍ଡିତ ଥିଲେ ବୋଲି କେହି କେହି ବିଶ୍ୱାସ କରିଛନ୍ତି । ରାଜାଙ୍କ କୁପଥଗାମୀ ଦୁଷ୍ଟ ଦୁର୍ଦ୍ଦାନ୍ତ ଅଯୋଗ୍ୟ ରାଜପୁତ୍ରମାନଙ୍କୁ ନୀତିକଥା ମାଧ୍ୟମରେ ମାତ୍ର ମାସ ଛ'ଟାରେ ସେ ଶାନ୍ତ-ସୁଶୀଳ-ସପଥଗାମୀ-ସର୍ବଶାସ୍ତ୍ରଜ୍ଞ ଏବଂ ସୁଯୋଗ୍ୟ କରିପାରିଥିଲେ । ତାଙ୍କର ସେହି ନୀତିକଥାମାନ ହିଁ ପଞ୍ଚତନ୍ତ୍ରରେ ସନ୍ନିବେଶିତ । ପଞ୍ଚତନ୍ତ୍ରର ମୂଳ ସଂସ୍କୃତ ୪୭୬-୫୦୦ ଖ୍ରୀଷ୍ଟାବ୍ଦ ଭିତରେ ରଚନା କରାଯାଇଥିଲା । ୫୩୧-୫୭୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ପ୍ରଥମେ ପହ୍ଲବୀ ଭାଷାରେ ଅନୂଦିତ ହୋଇଥିଲା, ଯାହାର ନାମ ରଖାଯାଇଥିଲା - 'କରଟକଦମନକ କଥା' । ଜୈନ ସାଧୁ ପୂର୍ଣ୍ଣଭଦ୍ର ଏବଂ ମେଘବିଜୟ ଏଥିରେ କିଛି କିଛି ପରିବର୍ତ୍ତନ ଆଣିଥିଲେ । ଏହା ମଧ୍ୟ ଉପଲବ୍ଧ ନୁହେଁ କେଉଁ ଯୁଗରୁ । ପରେ ଏହା ସିରିଆନ୍ ଏବଂ ପାର୍ଶୀ ଭାଷାରେ ଅନୂଦିତ ହୋଇଥିଲା । ଏବେ ଆମେ ଯେଉଁ ଅନୁବାଦମାନ ଦେଖୁଛୁ ତାହା ବିଦେଶୀ ଭାଷା ଉପରେ ଆଧାରିତ । ପଞ୍ଚତନ୍ତ୍ରର ଅନ୍ୟ ଲୋକପ୍ରିୟ ନାମଗୁଡ଼ିକ ହେଲା - 'ତନ୍ତ୍ରାଖ୍ୟାୟିକା', 'ପଞ୍ଚାଖ୍ୟାନକ', 'ପଞ୍ଚାଖ୍ୟାନୋଦ୍ଧାର' ଏବଂ 'ପଞ୍ଚୋପାଖ୍ୟାନ' । ଏଯାବତ ପ୍ରାଚୀନ କଥା ସାହିତ୍ୟ ଭିତରେ ପଞ୍ଚତନ୍ତ୍ର ତାର ସ୍ୱତନ୍ତ୍ରତା ଓ ନିତି ସମ୍ବଳିତ ବିଶେଷକରି ପିଲାମାନଙ୍କ ପାଇଁ ଯେଉଁ ଛୋଟ ଛୋଟ ଆଖ୍ୟାନ ସବୁ ରହିଛି ତାହା ସବୁ କ୍ଷଣ ପାଇଁ ଶିକ୍ଷା ଓ ଜୀବନାଦର୍ଶର ବାର୍ତ୍ତା ପ୍ରଦାନ କରୁଛି।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଖାଦାନରେ ପଶିଲା ମାଇଂନିଙ୍ଗ ବିଭାଗ, ଜେସିବି ଓ ଡମ୍ଫର ଜବତ



କପ୍ତିପଦା -(ମହାଭାରତ ): କପ୍ତିପଦା -ଚାଲିଥିଲା ବ୍ୟାପକ ଭାବେ ପଥର ଲୁଟାୟ ପାହାଡ଼ କୁ ଫଟାଇ ବେଆଇନ ଭାବେ କରୁଥିଲେ ପଥର ବେପାର। ଶେଷରେ ଖାଦାନରେ ପହଁଚିଲା ମାଇନିଙ୍ଗ ବିଭାଗ। ବ୍ୟାପକ ଭାବେ ଚଢ଼ାଉ କରି ଡମ୍ଫର ସହିତ ଜେସିବି ଜବତ କରିଛି ବିଭାଗ। କପ୍ତିପଦା ବନାଞ୍ଚଳ ଅଧୀନ ଶାରୀଶୁଆରେ ଚାଲିଥିଲା ଚୋରା ପଥର ଖାଦାନ। ଶାରୀଶୁଆ ପାହାଡ଼ ର କାଠଚୁଆ ରାଜସ୍ୱ ଅଞ୍ଚଳରେ ଚାଲିଥିଲା ବେଆଇନ ପଥର ଖାଦାନ। ହେଉଥିଲା ବ୍ୟାପକ ପଥର ହରିଲୁଟ। ଆଜି ମାଇନିଙ୍ଗ ବିଭାଗ, ରାଜସ୍ୱ ବିଭାଗ ଏବଂ ବନ ବିଭାଗ ମିଳିତ ଭାବେ କାଠଚୁଆ ଅଞ୍ଚଳରେ ଚଢ଼ାଉ କରିଥିବା ଖବର ପାଇ ମାଫିଆ ଖାଦାନ ରୁ ଫେରାର ହୋଇଯାଇଥିଲେ। ପୁରା ଖାଦାନ ଭିତରେ ବିଭାଗୀୟ ଅଧିକାରୀ ପଶି ଚୋରା ପଥର ଖନନ କରୁଥିବା ଗୋଟିଏ ଜେସିବି ଏବଂ ୬ ଗୋଟି ଡମ୍ଫର କୁ ଜବତ କରିଛନ୍ତି। ଏହା ସହିତ ମାଫିଆମାନେ ଅନେକ ଗାଡିକୁ ଜଙ୍ଗଲ ଭିତରେ ଲୁଚାଇ ରଖିଥିବା ବେଳେ ତାହାକୁ ଖୋଜୁଛନ୍ତି ଅଧିକାରୀ। ତେବେ ଚଢ଼ାଉ ଜାରି ରହିଥିବା ଜଣାଯାଇଛି। ଏହି ଖାଦାନରୁ ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରିଲୁଟ ହୋଇ ଆସୁଥିଲା।

# ରାଜପଥ କଡ଼ରେ ଥିବା ଦୋକାନରେ ପଶିଲା ଟ୍ରକ୍

## ଅଳ୍ପକେ ବର୍ତ୍ତିଲେ ଦୋକାନୀ ଓ ବାଇକ୍ ଆରୋହୀ



ବଡଚଣା(ମହାଭାରତ): ବଡଚଣା ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଢିଅକରନ୍ଦା ଛକରେ ଭୟାନକ ଦୁର୍ଘଟଣା । ସୁଚନା ଯୋଗ୍ୟ ଯେ ୧୪ ଚକିଆ ଝୋଟ ବୋଝେଇ ଟ୍ରକ୍ ଟି କଲିକତା ରୁ କଟକ ଆଭିମୁଖେ ଦେଇ ଆନ୍ଧ୍ରପ୍ରଦେଶ ବିଜୟଗଡା ଯାଉଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଦୃତ ଗତିରେ ଓଭରର୍ଟେକ୍ କରୁଥିଲା । ଯା ଫଳରେ ଜାତୀୟ ରାଜପଥ କଡ଼ରେ ଥିବା ଚା ଦୋକାନ ଉପରେ ମାଡି ଯାଇ ଓଲଟି ପଡିଥିଲା। ଆହାତ ଦୋକାନୀ ଜଣକ ସ୍ଥାନୀୟ ଢିଅକରନ୍ଦା ଗ୍ରାମର ଧୀରେନ୍ଦ୍ର ଓଝା ଙ୍କ ପ୍ତି ମଞ୍ଜୁଲତା ଓଝା । ମଞ୍ଜୁଲତା ଦୋକାନ ରେ ଥିବା ସମୟରେ ଟ୍ରକ ଟି ଦୋକନ ଭିତର ଦେଇ ମାଡ଼ିଯାଇଥିଲା ଯାହା ଫଳରେ କି ଦୋକାନ ଟି ସମ୍ପୂର୍ଣ ଭାଙ୍ଗି ଯାଇଥିଲା ତେବେ ମଞ୍ଜୁଲତା ଙ୍କ ସାମାନ୍ୟ ଆହତ ହେଇଥିବା ଜଣାପଡିଛି। ଘଟଣା ସ୍ଥଳରେ ଆହାତ ମଞ୍ଜୁଲତା ଙ୍କୁ ନିକଟସ୍ତ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଛି। ସେହିପରି ଜଣେ ବାଇକ୍ ଆରୋହୀ ବାଇକ୍ ରଖି ଦୋକାନ କୁ ଯିବା ସମୟରେ ବାଇକ୍ ଉପରେ ଟ୍ରକ ମାଡ଼ି ଯାଇଥିଲା। ଗାଡି ସମ୍ପୂର୍ଣ ନଷ୍ଟ ହୋଇଯାଇଥିଲା। ଘଟଣା ସ୍ଥଳରେ ବଡଚଣା ଥାନା ପିସିଆର୍ ଓ ଏନ୍ ଏଚ ଇ କର୍ମଚାରୀ ପହଞ୍ଚିଥିଲେ। ଥରେ ଭାବନ୍ତୁ ସେହିପରି ଘଟଣା ଯଦି ଛତିଆ ଭଟିଆ ଛକରେ ଘଟଣା ଘଟେ ପରିସ୍ଥିତି କଣ ହେବ । ଦିନ ରାତି ବେଆଇନ୍ ପାର୍କିଂ ବାରମ୍ବାର ହେଇଛି। ଦୁର୍ଘଟଣା ମଧ ବାରମ୍ବାର ହେଉଛି। କିନ୍ତୁ ପ୍ରଶାସନ ଦେଖି ମଧ ଚୁପ। ବାରମ୍ବାର ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଛତିଆ ଭଟିଆ ଛକରେ ଥିବା ଦୁଇ ପାର୍ଶ୍ୱରେ ୬୦ରୁ ଉର୍ଦ୍ଦୁ ଦୋକାନୀଙ୍କୁ ନୋଟିସ ଜାରି କରିଥିଲେ । ଏପରିକି ଆସନ୍ତା ୭ଦିନ ମଧ୍ୟରେ ତୁରନ୍ତ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା। ପରେ ଡ଼ାକବାଜି ଯନ୍ତ୍ରର ସାହାଯ୍ୟରେ ଜାଗା ଛାଡ଼ିବା ପାଇଁ ସୂଚନା ମଧ୍ୟ ଦିଆଯାଇଥିଲା । ଜାଗା ଛାଡ଼ିବା ପାଇଁ ଗତ ମାସ ୩୧ ତାରିଖ ସମୟ ସୂଚନା ଥିଲା । ନୋଟିସ୍ ର ଅବଧି ଶେଷହେବାପରେ ମଧ କାହିଁକି ଚୁପ୍ ମାରି ବସିଛି ଜିଲ୍ଲାପ୍ରଶାସନ। ଏଥିରେ କେତେବେଳେ ମଣିଷ ଜୀବନ ଯିବା ସହିତ ଦୋକାନରେ ବାସି ଖାଦ୍ୟ ଆଶାରେ ଗାଈ ଗୋରୁ, କୁକୁର ଷଣ୍ଢ ପ୍ରାଣ ହାନୀ ଘଟିଥିବା ଦେଖିବକୁ ମିଳିଛି। ଖାଲି ସେତିକି ନୁହେଁ ଜାତୀୟ ରାଜପଥ ର ଜାଗା ମାଡ଼ି ବସି ଦୋକାନ ଖୋଲିବେ ନହେଲେ ସେହି ଦୋକାନ କୁ ଭଡ଼ା ସୂତ୍ର ରେ ଦେଇ ମୋଟା ଅଙ୍କର ଟଙ୍କା ରୋଜଗାର କରିବେ। ଦରକାର୍ ପଡ଼ିଲେ କରିଥିବା ଦୋକାନ କୁ ଅନ୍ୟତ୍ର ବିକୁଛନ୍ତି। କାହିଁକି ନେଉନାହିଁୟନ୍ତି ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ। ଏହାକୁ ନେଇ ବୁଦ୍ଧିଜୀବି ମହଲରେ ଘୋର ନିନ୍ଦା ପ୍ରକାଶ ପାଇଛି। ଯାଜପୁର ଜିଲ୍ଲାପାଳ ଏହା ଉପରେ ଆଇନ୍ ଅନୁଯାୟୀ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠି ନମ୍ବର ୧୩୮୨୩ ତା ୧୨/୧୧/୨୦୨୪ ରିଖ ରେ ତହସିଲ୍ କୁ ନୋଟିସ କରିଥଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟନୁଷ୍ଠାନ ନେଉନାହାନ୍ତିୟଏହି ବେଆଇନ କାରବାର ଓ ପାର୍କିଂକୁ ପ୍ରଶୟ ଦେଉଥିବା ସଂପୃକ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଜୋର୍ ଧରିଛିୟ ଏ ସଂକ୍ରାନ୍ତରେ ଜିଲ୍ଲା ପ୍ରଶାସନର ପ୍ରତିକ୍ରିୟା ଆମର ହସ୍ତଗତ ହୋଇପାରି ନାହିଁ।

## ଦେଶୀ ମଦ ଓ ପୋଚ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୪/୧୨(ମହାଭାରତ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁମିଳିତ ଭାବେ ଚଢାଉ କରି ୧୬୭୫ ଲିଟର ପୋଚ,୫୪୦ ଲିଟର ଦେଶୀ ମଦ,ଗୋଟିଏ ମୋବାଇଲ ଫୋନ ଓ ଆବଶ୍ୟକୀୟ ସରଞ୍ଜାମ ସହ ୨ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ବୋଲଗଡ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଅନନ୍ତ ସାହୁଙ୍କ ପତ୍ନୀ କୁନ୍ତଳା ସାହୁ ଓ ପୁଅ ଜୟକୃଷ୍ଣ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି କହିଛନ୍ତି ।ଏଥିରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଆର୍ପା ମାରାଣ୍ଡି ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସଙ୍କ ସମେତ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ ।

## ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ଝାଡ଼ିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଖୋର୍ଦ୍ଧା ଜଳସେଚନ ବିଭାଗ

ବାଣପୁର :( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ଝାଡ଼ିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଖୋର୍ଦ୍ଧା ଜଳସେଚନ ବିଭାଗ । ବର୍ଜ୍ୟବସ୍ତୁ/ପୁରୁଣା ବର୍ଜ୍ୟବସ୍ତୁ କୁ ମାଇକ୍ରୋ କମ୍ପୋଷ୍ଟ ୟୁନିଟ ଏବଂ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି ପ୍ଲାଣ୍ଟ ରେ ପକାଇବା ପରିବର୍ତ୍ତେ ଗାଲୁଆ ଛକ ଏବଂ ସତସଙ୍ଗ ବିହାର କେନାଲ ରୋଡରେ ଗଦାଇବା ଏବଂ ଜାଳିବା ଅଭିଯୋଗରେ ତଦନ୍ତ କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ଉକ୍ତ ବୋର୍ଡର ଅଧିକାରୀ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି ଯାହାଫଳରେ ଗତକାଲି ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଣିଙ୍କୁ ପତ୍ର ସଂଖ୍ୟା ୩୮୦୯ ଜରିଆରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉକ୍ତ ରିପୋର୍ଟ ପ୍ରଦାନ କରିବା ସହ ତୁରନ୍ତ ଉକ୍ତ ସ୍ଥାନଗୁଡ଼ିକରୁ ବର୍ଜ୍ୟବସ୍ତୁକୁ ମାଇକ୍ରୋ କମ୍ପୋଷ୍ଟ ୟୁନିଟ(ଏମସିସି)ଏବଂ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି(ଏମଆରଏଫ)ପ୍ଲାଣ୍ଟକୁ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଛି । ସୂଚନା ମୁତାବକ ଗତ ଅକ୍ଟୋବର ୯ ଏବଂ ୧୦ ତାରିଖ ଦୁଇ ଦିନ ଧରି ବାଣପୁର ଏନଏସି କାର୍ଯ୍ୟାଳୟ ନିକଟରେ ଥିବା ଗାଲୁଆ ଛକ କେନାଲ ରୋଡ ପାର୍ଶ୍ୱରେ ବର୍ଜ୍ୟବସ୍ତୁ/ପୁରୁଣା ବର୍ଜ୍ୟବସ୍ତୁ ନିରନ୍ତର ଜଳିଥିଲା, ଯାହାଫଳରେ ପ୍ରଚୁର ଧୂଆଁ ଦ୍ୱାରା ପରିବେଶ ବହୁମାତ୍ରାରେ ପ୍ରଦୂଷିତ ହେବା ସହ ଯାତ୍ରୀ ଏବଂ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ହାନି ହେବା ନେଇ ସ୍ଥାନୀୟ ଆଇନଜୀବୀ ସୀତାରାମ ଅଗ୍ରୱାଲ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ, ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଏକାଧିକ ବିଭାଗକୁ ଉକ୍ତ ଘଟଣାର ଫୋଟୋ/ଭିଡିଓ ପ୍ରମାଣ ସହ ଅଭିଯୋଗ କରିଥିଲେ । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଖୋଲାଖୋଲି ଉଲଂଘନ ହୋଇଥିବାର ଅଭିଯୋଗ ହୋଇଥିଲା । କାରଣ ବର୍ଜ୍ୟବସ୍ତୁ/ପୁରୁଣା ବର୍ଜ୍ୟବସ୍ତୁକୁ ଠୁଳକରିବା ଅବା ଜାଳିବା ସମ୍ପୂର୍ଣ୍ଣ ବେଆଇନ । ତାହାକୁ ଏମସିସି ଏବଂ ଏମଆରଏଫ ପ୍ଲାଣ୍ଟରେ ପକାଇବା ନିୟମ ରହିଛି । କିନ୍ତୁ ବାଣପୁର ଏନଏସିର ବିଭିନ୍ନ ସ୍ଥାନରେ ଏହାର ଖୋଲାଖୋଲି ଉଲଂଘନ ହେଉଛି । ଅଭିଯୋଗକୁ ଭିତ୍ତିକରି ନିକଟରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ପରିବେଶ ବିଜ୍ଞାନୀ ସ୍ମୃତି ରଞ୍ଜନ ପ୍ରଧାନ ଏନଏସି ର ଏକାଧିକ ସ୍ଥାନ ଗସ୍ତକରି ଘଟଣାଟି ସତ୍ୟ ଥିବା ଜାଣିବାକୁ ପାଇଥିଲେ । ଏନଏସିର ବିଭିନ୍ନ ସ୍ଥାନରେ ବର୍ଜ୍ୟବସ୍ତୁ ପୋଡ଼ାଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଅଦ୍ୟାବଧି ଦୀର୍ଘ ଦିନରୁ ଠୁଳ ହୋଇ ପଡ଼ିରହିଛି । ୫୦୦ ମିଟର ପରିଧି ମଧ୍ୟରେ ଶିକ୍ଷାନୁଷ୍ଠାନ, ମେଡ଼ିକାଲ, ରୋଡ ଏବଂ ଏନଏସି କାର୍ଯ୍ୟାଳୟ ଥିବାରୁ ଉକ୍ତ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡିଛି। ଉକ୍ତ ସ୍ଥାନଗୁଡିକରୁ ତୁରନ୍ତ ବର୍ଜ୍ୟବସ୍ତୁ ହଟାଇବା ସହ ଭବିଷ୍ୟତରେ ଯେପରି ଏହାର ପୁନରାବୃ□ ନଘଟେ ତାହା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ତତସହିତ ବାଣପୁର ଏନଏସି କର୍ତ୍ତୃପକ୍ଷଙ୍କ ଠାରୁ ଏନଏସି ଅଧୀନରେ ଥିବା ଏମସିସି ଏବଂ ଏମଆରଏଫ ପ୍ଲାଣ୍ଟର ସମ୍ପୂର୍ଣ୍ଣ ବିବରଣୀ ମାଗିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ । ସୂଚନା ଥାଉକି ବାଣପୁର ଏନଏସି ଜଳସେଚନ ବିଭାଗ ଅଧୀନରେ ଥିବା କେନାଲ ରୋଡରେ ବେଆଇନ ଭାବେ ବର୍ଷ ବର୍ଷ ଧରି ବର୍ଜ୍ୟବସ୍ତୁ ଠୁଳ କରିଆସୁଥିବାର ଅଭିଯୋଗ ହେଉଛି । ଏ ନେଇ ନଭେମ୍ବର ୪ ତାରିଖରେ ରେ ପତ୍ର ସଂଖ୍ୟା ୩୦୧୨ ଜରିଆରେ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମଧ ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଣିଙ୍କୁ ତାଗିଦ କରିଥିବା ଜଣାପଡିଛି।

## କ୍ରାଡେଲ ବେବି ପଏଣ୍ଟରୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର



ଅନୁଗୋଳ,(ମହାଭାରତ):ଅନୁଗୋଳ ସହରର ଏକ ଘରୋଇ ନର୍ସିଙ୍ଗ ହୋମ ଆଗରେ ଥିବା କ୍ରାଡେଲ ବେବି ପଏଣ୍ଟରୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି ।ସେଠାରେ ନବଜାତ ଶିଶୁଟି କାନ୍ଦୁ ଥିବା ଦେଖି ନର୍ସିଙ୍ଗ ହୋମର ଡାକ୍ତର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ । ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରି ଶଙ୍କର ବେହେରା ତୁରନ୍ତ ସେଠାରେ ପହଞ୍ଚି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଅନୁଗୋଳର ମ୍ୟାନେଜର ସୁଦର୍ଶନ ପରିଡାଙ୍କୁ ଫୋନ ଯୋଗେ ଡ଼ାକିଥିଲେ । ସେ ତାଙ୍କ ଆୟା ସହିତ ଉକ୍ତ ସ୍ଥାନରେ ପହଞ୍ଚିି ଶିଶୁଟିକୁ ଗ୍ରହଣ କରିଥିଲେ । ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶିଶୁର ସ୍ୱାସ୍ଥ୍ୟବସ୍ଥା ଭଲ ଥିବାର ଗୌରି ଶଙ୍କର ବେହେରା କହିଛନ୍ତି । ଏହାପରେ ଶିଶୁଟିକୁ ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇ ଶିଶୁଟିକୁ ବର୍ତମାନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଅନୁଗୁଳରେ ରଖାଯାଇଅଛି । ଏହାପରେ ଆଇନ ଅନୁଯାୟୀ ଶିଶୁର ପରବର୍ତୀ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି । ଅନେକ ସମୟରେ ନବଜାତ ଶିଶୁ ମାନଙ୍କୁ ଫୋପାଡ଼ି ଦିଆ ଯାଉଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥାଏ । ଏହାକୁ ବନ୍ଦ କରିବା ପାଇଁ ଅନୁଗୋଳ ଜିଲ୍ଲା ପ୍ରଶାସନ ବିଭିନ୍ନ ଶିଶୁ ଥଇଥାନ ସେଣ୍ଟର ହେଉ କିମ୍ବା ନର୍ସିଂହୋମ ଗୁଡିକରେ ବେବି କ୍ରେଡ଼ଲ ସେଣ୍ଟର ଖୋଲା ଯାଇଥିଲା । ଯେଉଁଠି ଜନ୍ମଦାତା ବାପାମାଆ ଶିଶୁକୁ ଏଣେତେଣେ ନ ରଖି ସୁରକ୍ଷିତ ନିରାପଦ ସ୍ଥାନରେ ରଖି ପାରିବେ । ଯାହାଦ୍ୱାରା ଅଭିଭାବକଙ୍କ ପରିଚୟ ଗୋପନ ରହିବା ସହିତ ଶିଶୁଟି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇ ପାରିବ ।

## ବିଶ୍ୱ ଏଡ଼ସ ଦିବସ ପାଇଁ ସଚେତନତା କାର୍ଯ୍ୟକ୍ରମ

ନୂଆଗାଁ (ମହାଭାରତ ) : ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ସଦରମହକୁମାରେ ଥିବା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ତିନିଦିନ ଧରି ବିଶ୍ ଏଡ଼ସ ଦିବସ ଉପଲକ୍ଷେ ସଚେତନତା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟର ଅଧ୍ୟାପକ ତଥା ରେଡକ୍ରସ ସଂଯୋଜକ ସତ୍ୟ ସ୍ୱାଗତ ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଅଧକ୍ଷା ମଧୁଲିତା ପଟ୍ଟନାୟକ ପତାକା ଦେଖାଇ କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିବା ସହ ଛାତ୍ର ଛାତ୍ରୀ ମାନେ ଗ୍ରାମ ଓ ବଜାର ପରିକ୍ରମା କରି ଏଡ଼ସ ଉପରେ ସ୍ଲୋଗାନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ ।ଏହା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ ,ରଚନା ,ତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଉଦଯାପନୀ କାର୍ଯ୍ୟକ୍ରମ ରେ ଅଧକ୍ଷା ମଧୁଲିତା ପଟ୍ଟନାୟକଙ୍କ ସମେତ ଇଂରାଜୀ ଅଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ, ତର୍କଶାସ୍ତ୍ର ଅଧ୍ୟାପିକା ଅମ୍ରିତା ପ୍ରିୟଦର୍ଶିନୀ ପ୍ରଧାନ,ରାଜନୀତି ବିଜ୍ଞାନ ଅଧ୍ୟାପିକା ପଦ୍ମିନୀ ରାଉତ ,ଇତିହାସ ଅଧ୍ୟାପକ ରମେଶ ଚନ୍ଦ୍ର ପ୍ରଧାନ,ସଂସ୍କୃତ ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ ,କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ବିଶ୍ ଏଡ଼ସ ଦିବସ ପାଳନ ର ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ।କୃତି ଛାତ୍ର ଛାତ୍ରୀ ଙ୍କୁ ଅଧ୍ୟାପକ , ଅଧ୍ୟାପିକା ପୁରସ୍କୃତ କରିଥଲେ।

## ଅନୁଗୋଳ ବ୍ଲକରେ ଆନ୍ତର୍ଜାତୀୟ ଭିଉକ୍ଷମ ଦିବସ ପାଳିତ

ଅନୁଗୋଳ,(ମହାଭାରତ):ଅନୁଗୋଳ ବ୍ଲକ ସ୍ଥାନୀୟ ସରକାରୀ ଟାଉନ ଉଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ଅନ୍‌ଷେଣ କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯାଇଛି। ଉକ୍ତ ଉତ୍ସବରେ ଅନୁଗୋଳ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏବଂ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସଂସାର ଭୋଇ , ଶିବ ମାଝି , ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମମତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ବ୍ଲକ ସାଧନ ଶିକ୍ଷକ ଶ୍ରୀ ପତିତପାବନ ବାଡିଆ ଓ ରଘୁନାଥ ବାରିକ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେୟ କାର୍ଯ୍ୟକ୍ରମରେ ସି. ଆର.ସି., ଆଇ.ଭି. , ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୫୪ଜଣ ଭିଉକ୍ଷମ ପ୍ରତିଯୋଗୀଙ୍କୁ କୃତି ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରଯାଇଥିଲା । ସର୍ବଶେଷରେ ଶିକ୍ଷୟିତ୍ରୀ ବିଶ୍ୱପୂଜ୍ୟା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଧଡକ ଚାଲିଛି ମୋରମ ଲୁଟ, ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା

ବାଲେଶ୍ୱର;ମହାଭାରତ ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳରେ ଲୁଟ ହେଉଛି ଟ୍ରକ ଟ୍ରକ ମୋରମ । ସରକାରଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ବିନା ଅନୁମତିରେ ହେଉଛି ସହ ସହ ଟ୍ରିପ ମୋରମ ଲୋଟ, ବେଆଇନ ମୋରମ ଖନନ ରୋକିବାପାଇଁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଥିବା ବେଳେ ଦିନରେ ବନ୍ଦକରି ରାତି ଅଧରେ ମାଫିଆ ମାନେ କରୁଛନ୍ତି ମୋରମ ଲୋଟ। ହେଲେ ଆଇନକୁ ବେଖାତିର କରି ଔପଦା ତହସିଲଦାର ବାଲେଶ୍ୱରର ଖଣିବିଭାଗ ମିଳିଭଗତରେ ବଡ଼ପୋଖରୀ ପଞ୍ଚାୟତର ଜୁକଗଡିଆ ଓ ଦୁର୍ଗାପୁର ଗ୍ରାମର ଜଙ୍ଗଲ ପାଖରେ ଥିବା ନୀରିହ ଆଦିବାସୀ, ହରିଜନ ଙ୍କ ଜମିରେ ମାଫିଆ ମାନଙ୍କର ପଡିଛି କୁନଜର ।ଯାହା ଜଣାପଡୁଛି ଖଣିବିଭାଗ, ଔପଦା ତହସିଲ ଓ ବଡ଼ପୋଖରୀ ପଂଚାୟତ ର କିଛି କୁଜି ନେତାମାନଙ୍କୁ ହାତଗୁଞ୍ଜା ଦେଇ ମାଫିଆ ମାନେ ଚଳାଇଛନ୍ତି କଳା ସାମ୍ରାଜ୍ୟ ।ଏହି ସବୁ ସ୍ଥାନର କୌଣସି ଅଂଶ ଲିଜ୍ ଦିଆ ଯାଇନଥିଲେ ମଧ ଚୋରା ମୋରମ ମାଫିଆମାନେ ରାତିରେ ଖନନ କରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଏହି ଜାଗାଗୁଡ଼ିକ ତହସିଲ ପକ୍ଷରୁ କେମିତି ନିଲାମ ଦିଆଗଲା ଓ ଶହ ଶହ ଘନ ଫୁଟ୍ ମୋରମ ଉତ୍ତୋଳନ ପାଇଁ କିଏ ଦେଲା ଅଧିକାର। ଯାହାଫଳରେସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି । କୁଲ୍ଡିଆ ଅଭୟାରଣ୍ୟ ର ପାଦଦେଶରେ ଏହିସ୍ଥାନ ହୋଇଥିବାରୁ , ଶହ ଶହ ଫୁଟ ଗାତ ଖୋଳି ମୋରମ ନେଉଥିବା ହେତୁ ଗୋରୁ ଗାଈ, ଜଙ୍ଗଲୀ ଜୀବଜନ୍ତୁ ମାନେ ପଡ଼ି ଜୀବନ ଯିବାରସମ୍ଭାବନା ରହିଛି। ଏ ବାବଦରେ ବାଲେଶ୍ୱର ଖଣିବିଭାଗ, ଔପଦା ତହସିଲଦାରଙ୍କ ଗୋଚରକୁ ଆଣିଥିଲେ ମଧ ଏଥିପ୍ରତି କୌଣସି ଗୁରୁ□ପୂର୍ଣ୍ଣ ପଦକ୍ଷେପ ନେଉନଥିବା ସାଧାରଣ ରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି ।ଏଥିପ୍ରତି ଖଣି, ରାଜସ୍ ଓ ଜଙ୍ଗଲ ବିଭାଗ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତିୟ ଯଦି କୌଣସି ପଦକ୍ଷେପ ନନିଅନ୍ତି ,ତାହାଲେ ଆଗାମୀ ଦିନରେ ଔପଦା ଅଞ୍ଚଳ ବାସୀ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତ।

## ସୁଧାକିରଣ ମହାବିଦ୍ୟାଳୟ ପାଳନ କଲା ଅଷ୍ଟମ ବାର୍ଷିକ ଉତ୍ସବ




ବାଲିଗୁଡା(ମହାଭାରତ):ରାଇକିଆ ସୁଧାକିରଣ ମହାବିଦ୍ୟାଳୟ ର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଗତ ଦୁଇ ଦିନ ଧରି ସୁଧାକିରଣ ମହାବିଦ୍ୟାଳୟ ର ଅଷ୍ଟମ ବାର୍ଷିକ ଉତ୍ସବ ବହୁତ ଧୂମଧାମ ରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପ୍ରଥମ ଦିନ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର କୁଳପତି ଡ଼ଃ ଗୀତାଞ୍ଜଳି ଦାଶ, ମୁଖ୍ୟ ବକ୍ତା ଭାବେ ଡ଼ଃ ସିଦ୍ଧାର୍ଥ ଶଙ୍କର ପାଢୀ, ଅତିଥି ଭାବେ ଡାଃ ଏସ୍ ଏନ୍ କୁଣ୍ଡୁ, ଡଃ ସୁଶାନ୍ତ ଦାସ, ଡାଃ ଏଲ୍ କେ ତ୍ରିପାଠୀ, ଡାଃ ଅଜୟ କୁମାର ତ୍ରିପାଠୀ ଯୋଗଦେଇଥିଲେ, ସନ୍ଧ୍ୟା ରେ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଦ୍ୟାରା ସଂସ୍କୃତିକୁ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଘୁ ଉଦୟଗିରି ବିଧାୟକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସତ୍ୟବାନ ପାତ୍ର,ରାଇକିଆ ତହସିଲଦାର ସୁଭଦ୍ରା ମୁଣ୍ଡିକା, ରାଇକିଆ ସରପ□ ଶ୍ରୀମତୀ ଗୀତାଞ୍ଜଳି ନାୟକ, ବ୍ଲକ ଅଧକ୍ଷ ଶ୍ରୀ ପ୍ରିତମ ପ୍ରଧାନ,ଶ୍ରୀ ଏସ ଏନ ପାଣିଗ୍ରାହୀ, ରାଇକିଆ ଥାନା ଅଧିକାରୀ ଶ୍ରୀ ସୁରେଶ ତ୍ରିପାଠୀ ଯୋଗଦେଇଥିଲେ, ସଂଧରେ ଓଡିଶା ଚଳଚ୍ଚିତ୍ର ଜଗତର ସୁନାମାଧନ୍ୟ କଣ୍ଠଶିଳ୍ପୀ ଆସିମା ପଣ୍ଡା ଙ୍କ ଟିମ ତରଫରୁ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ କରାଯଇଥିଲା, ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧପିକା, ଅଣ ଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନେ ଯୋଗଦାନ କରିଥିଲେ. ପରିଶେଷରେ ମହାବିଦ୍ୟାଳୟ ର ଅଧକ୍ଷ ରବିନ୍ଦ୍ର କୁମାରନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଯିମାଳି ବକ୍ସାଇଟ୍ ବ୍ଲକ୍ ଓଡିଶାରେ ସାମାଜିକ ଅର୍ଥନୈତିକ ପରିବର୍ତ୍ତନ ଆଣିବ




କଳାହାଣ୍ଡି, (ମହାଭାରତ):କାଲାହାଣ୍ଡି ଏବଂ ରାୟାଗଡା ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବେଦାନ୍ତ ଆଲୁମିନିୟମ ର ମାଲିକାନା ଥିବା ସିଜିମାଲି ବକ୍ସାଇଟ୍ ବ୍ଲକ୍ ଏହି ଅଞ୍ଚଳର ସାମାଜିକ-ଅର୍ଥନତିକ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ ମହତ୍ପୂର୍ଣ୍ଣ ସମ୍ଭାବନା ରଖିଛି ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ଏକୀକୃତ କରି ବିକାଶକୁ ତ୍ୱରାନ୍ୱିତ କରି ଏହା ବହୁ ଆଦିବାସୀଙ୍କ ବାସ କରୁଥିବା ଏହି ଅଞ୍ଚଳର ବାସିନ୍ଦାଙ୍କ ଜୀବନକୁ ଉଉତ କରିବାକୁ ପ୍ରତିଜ୍ଞା କରିଛି ବର୍ତ୍ତମାନ ଅବସ୍ଥିତ ଲାଞ୍ଜିଗଡ ପେରିଫେରାଲ ଡେଭଲପମେଣ୍ଟ ଫଣ୍ଡ ଏବଂ ପ୍ରସ୍ତାବିତ ସିଜିମାଲି ପେରିଫେରାଲ ଡେଭଲପମେଣ୍ଟ ଫଣ୍ଡ ମାଧ୍ୟମରେ ବେଦାନ୍ତ ଆସନ୍ତା ୨୫ ବର୍ଷ ମଧ୍ୟରେ ୧୨୦୦ କୋଟି ନିବେଶ କରିବାକୁ ପ୍ରତିଶ୍ରୁତି ଦେଇସାରିଛି ।ଏହି ପଦକ୍ଷେପଗୁଡିକ, ଯେଉଁଥିରେ ଉଭୟ ଜିଲ୍ଲାର ଜନ ପ୍ରତିନିଧୀଙ୍କ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଝଟଠ,ଶ୍ୱ) ରେ ସକ୍ରିୟ ଅଂଶଗ୍ରହଣ ଅନ୍ତର୍ଭୁକ୍ତ, ସମୃଦ୍ଧତା ଏବଂ ବିକାଶର ଏକ ନୂତନ ଯୁଗକୁ ଆଣିବା ପାଇଁ ପରିକଳ୍ପନା କରାଯାଇଛି ସିଜିମାଲି ବକ୍ସାଇଟ୍ ଖଣିଗୁଡିକ ଏହାର ଆୟୁଷ ପାଇଁ ଓଡିଶା ସରକାରଙ୍କ ପାଇଁ ବାର୍ଷିକ ୨୨୦୦ କୋଟି ରାଜସ୍ୱ ଏହି ମହ ପୂର୍ଣ୍ଣ ରାଜସ୍ୱ ପ୍ରବାହ ରାଜ୍ୟକୁ ଭିତ୍ତିଭୂମି ବିକାଶ ତଥା ଏହି ଅଞ୍ଚଳ ପାଇଁ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ସକ୍ଷମ କରିବ ଆଗାମୀ ଦଶନ୍ଧି ଧରି ସ୍ଥାନୀୟ ଜନସାଧାରଣଙ୍କୁ ଉପକୃତ କରିବା ସେହି ଆର୍ଥିକ ଲାଭ ସହିତ, ଏହି ପ୍ରକଳ୍ପ ୧୫୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାକୁ ପ୍ରସ୍ତୁତ ଅଛି ଧନ୍ଦାମୂଳକ ତାଲିମ କେନ୍ଦ୍ର ଏବଂ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବୃଦ୍ଧି ଉପରେ ଏକ ଧ୍ୟାନ ସହିତ ଏହି ପଦକ୍ଷେପଗୁଡିକ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ନୂତନ ସୁଯୋଗ ପ୍ରଦାନ କରିବ, ଏକ ଉ□ମ ଭବିଷ୍ୟତ ପାଇଁ ସେମାନଙ୍କର ଆକାଂକ୍ଷା ପୂରଣ କରିବାରେ ସାହାଯ୍ୟ କରିବ ଏକ ପୁରୁଣା କଥା କହୁଛି 'ଟଙ୍କା ନୂଆ ପ୍ରଭାତ ଆଣିଥାଏ' ସିଜିମାଲି ବକ୍ସାଇଟ୍ ଖଣି କ୍ଷେତ୍ରରେ ଏହି 'ନୂତନ ପ୍ରଭାତ' ଏହି ଅଞ୍ଚଳ ପାଇଁ ଏକ ପରିବର୍ତ୍ତନଶୀଳ ଇତିହାସ ସୃଷ୍ଟି କରିବାକୁ ସ୍ଥିର ହୋଇଛିୟବିକାଶ ପ୍ରକ୍ରିୟାରେ ସ୍ଥାନୀୟ ଜନଜାତିମାନଙ୍କର ସକ୍ରିୟ ଯୋଗଦାନ ଏହି ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ପରିବେଶ ସ୍ଥିତିକୁ ପୁନଃହ ରୂପ ଦେବୟ ସ୍ଥାୟୀ ଖଣି ଅଭ୍ୟାସ ପାଇଁ ବେଦାନ୍ତ ପ୍ରତିବଦ୍ଧତା ନିଶ୍ଚିତ କରେ ଯେ ଏହି ଅଞ୍ଚଳରେ ଧନୀ ସବୁଜ ଏକ ବାୟୋଫିଲ୍ଟର ଭାବରେ କାର୍ଯ୍ୟ କରିବ ଏହି ଅଞ୍ଚଳର ଇକୋସିଷ୍ଟମ୍ ମୃତ୍ତିକା କ୍ଷୟକୁ ସଂରକ୍ଷଣ କରିବା ଏବଂ ଉଦ୍ଭିଦ ଏବଂ ଜୀବଜନ୍ତୁକୁ ବଜାୟ ରଖିବା ପ୍ରବନ୍ଧରେ, ସିଜିମାଲି ବକ୍ସାଇଟ୍ ଖଣି କେବଳ ଅର୍ଥନତିକ ଅଭିବୃଦ୍ଧି ବିଷୟରେ ନୁହେଁ, ଏହା ପରିବେଶ ତଥା ସାଂସ୍କୃତିକ ସଂରକ୍ଷଣ ସହିତ ବିକାଶକୁ ସନ୍ତୁଳିତ କରିବାର ଏକ ଦର୍ଶନର ପ୍ରତିନିଧିତ୍ୱ କରେ, ବେଦାନ୍ତର ଦୀର୍ଘମିଆଦୀ ଆଭିମୁଖ୍ୟ ଆଦିବାସୀ ସମ୍ପ୍ରଦାୟମାନଙ୍କ ପାଇଁ ଜୀବନର ଗୁଣବ□। ବଢାଇବାକୁ ଚେଷ୍ଟା କରେ ପରିଶେଷରେ, ସିଜିମାଲି ବକ୍ସାଇଟ୍ ବ୍ଲକ୍ କାଲାହାଣ୍ଡି ଏବଂ ରାୟାଗଡାକୁ ସାମାଜିକ-ଅର୍ଥନତିକ ଅଭିବୃଦ୍ଧିର ପ୍ରମୁଖ ଡ୍ରାଇଭର ଭାବରେ ସ୍ଥିର କରିବାକୁ ସ୍ଥିର ହୋଇଛି, ଯାହା ଏକ ମଡେଲ୍ ସହିତ ପରିବେଶ ସ୍ଥିରତା ଏବଂ ସାଂସ୍କୃତିକ ସଂରକ୍ଷଣକୁ ଗୁରୁତ୍ୱ ଦେଇଥାଏ ।

## ଅଭିନ ଉପାୟରେ ପାଳିତ ହେଲା ବନ୍ୟପ୍ରାଣୀ ସଂରକ୍ଷଣ ଦିବସ



କପ୍ତିପଦା -(ମହାଭାରତ ): କପ୍ତିପଦା -ପ୍ରତିବର୍ଷ ଡିସେମ୍ବର ମାସ ୪ ତାରିଖ ପାଳିତ ହୁଏ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ  ଜୈବବିବିଧତା ମଣ୍ଡଳରେ ସମସ୍ତ ବନ୍ୟପ୍ରାଣୀ ସଂରକ୍ଷିତ ରହିଲେ ତାହା ସନ୍ତୁଳିତ ରହିଥାଏ।  ତେଣୁ ବନ୍ୟପ୍ରାଣୀଙ୍କୁ ସଂରକ୍ଷଣ ରଖିବା ଉଦେଶ୍ୟରେ ତଥା ଆଗାମୀ ପିଢିଙ୍କୁ ବନ୍ୟପ୍ରାଣୀର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଜଣାଇବା ଉଦେଶ୍ୟରେ ବଡ଼ଝାଡ଼ ଉତ୍ତୀତ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଛି। ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ  ପିଲାମାନେ ବିଭିନ୍ନ ବନ୍ୟପ୍ରାଣୀଙ୍କ ମୁଖା ପରିଧାନ କରି ପରିବେଶ ପାଇଁ ନିଜର କଣ ଆବଶ୍ୟକତା ରହିଛି। ସେମାନେ ମଣିଷର କଣ କଣ ଉପକାର କରନ୍ତି କହିଥିଲେ।  ସେମାନେ ରହିଲେ ପରିବେଶ କି ଭଳି ସଂରକ୍ଷିତ ରହିବ ତାହା କହିଥିଲେ।  ଶିକ୍ଷକ ସନ୍ତୋଷ କୁମାର ସାହୁ ସମସ୍ତ ଶିକ୍ଷାର୍ଥୀଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ଦିବସର ଉଦେଶ୍ୟ ଓ ଆବଶ୍ୟକତା ତଥା ଆଗାମୀ ଭବିଷ୍ୟତରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବନ୍ୟ ଜୀବ ଜନ୍ତୁ ମାନେ ଆମର ଅସେଚନତା ପାଇଁ ସମ୍ପୂର୍ଣ ବିଲୁପ୍ତ ହୋଇଯିବେ ବୋଲି ବୁଝାଇଥିଲେ। ବନ୍ୟ ପଶୁଙ୍କୁ ଶିକାର ନ କରିବା, ବଣରେ ନିଆଁ ନ ଲଗାଇବା,ତାଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ଆଦି ସମ୍ପର୍କରେ ପିଲାଙ୍କୁ ଅବଗତ କରିଥିଲେ କାର୍ଯ୍ୟକ୍ରମକୁ ସଫଳ ହେବାରେ ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ,କୋମଳଲୋଚନ ବେହେରା, ଶିଖାସ୍ୱରୂପା ଗିରି,ସରସ୍ୱତୀ ହାଁସଦା ସହଯୋଗ କରିଥିଲେ।

## ଅଶନକୁଦର ଖଡିଆ ମଙ୍କଡିଆଙ୍କୁ ମାଡ଼ ମାରିବା

# ପ୍ରତିବାଦ ରେ ଗ୍ରାମବାସୀ  ଆସନକୁଦର ବିଟ୍ ହାଉସ ଘେରାଉ



କରଞ୍ଜିଆ,(ମହାଭାରତ) ୨୦୧୧ ମସିହା ରେ ଶିମିଳିପାଳ ଉପର ବାରହାକାମୁଡ଼ା ଓ ବାହାଘର ରୁ ୩୪ ପରିବାର କୁ ବିସ୍ଥାପନ କରି ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ପଞ୍ଚାୟତ ଅସନକୁଦର ଗ୍ରାମ ରେ ଆଣି ଥଇଥାନ କରିଥିଲା । ସରକାର ବିସ୍ଥାପିତ ଙ୍କ ନାମରେ ଦଶଲକ୍ଷ୍ୟ ଟଙ୍କା ଠାକୁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ରେ ସ୍ଥିର ବା (ଫିକ୍ସ) ମାରି ଦେଇ କାମ ସାରି ଦେଇଛନ୍ତି । ଖଡ଼ିଆ ମାଙ୍କଡିଆଙ୍କ ପାଇଁ ରୋଜଗାର ର କୌଣସି ବେବସ୍ଥା ନାହିଁ ବାଧହୋଇ ଜୀବନ ଜିଁବା ପାଇଁ ଜଙ୍ଗଲ ଉପରେ  ନିଁଭର କରିଥାନ୍ତି ।ଶିମିଳିପାଳ ପାଦଦେଶରେ ଥିବା ଜଙ୍ଗଲ ରୁ ମହୁ, ଲାଖ ଓ ଝୁଣା ଇତ୍ୟାଦି ସଂଗ୍ରହ କରି ଜୀବନ ଜୀବିକା  ନିର୍ବାହର କରିଥାନ୍ତି । ଶିମିଳିପାଳ ପାଦଦେଶରେ ଥିବା ଜଙ୍ଗଲ କୁ ମହୁ କିମ୍ବା ଝୁଣା ସଂଗ୍ରହ ପାଇଁ ଗଲେ ଶିମିଳିପାଳ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଖଡ଼ିଆ ମାଙ୍କିଡିଆ ଉପରେ ଜୁଲମ କରୁଛନ୍ତି । ଗତ ନଭେମ୍ବର ୨୮ ତାରିଖ ଦିନ ପୋଞ୍ଚୁ ଦେହୁରୀ ଓ ମଧୁ ଦେହୁରୀ ଜଙ୍ଗଲ ରୁ ଝୁଣା ସଂଗ୍ରହ ପାଇଁ ଯାଇଥିବା ସମୟ ରେ ଶିମିଳିପାଳ ଦକ୍ଷିଣ ଡିଭିଜନ ପଣସକୁଦର ବିଟ ର ଦସଜଣ ବନ କର୍ମଚାରୀ ଆସି ଦି ଜଣ କୁ ପଣସକୁଦର ବିଟ କୁ ନେଇ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି । ଦୀର୍ଘ ସମୟ ତାଙ୍କ ଉପରେ ଅତ୍ୟାଚାର ହେବା ପରେ ସଂନ୍ଧ୍ୟା ରେ ତାଙ୍କୁ ଛାଡ଼ି ଦେଇଥିଲେ । ସେହିପରି ଗତ ସେପଟେମ୍ବର ୨୦ ତାରିଖ ଜଙ୍ଗଲ କୁ ଗାଈ ବଳଦ ଚରେଇବା ପାଇଁ ଅସନକୁଦର ଗ୍ରାମର ତିନି ବ୍ୟକ୍ତି ଜଗବନ୍ଧୁ ଖଣ୍ଡୁଆଳ, ପ୍ରଧାନ ଖଣ୍ଡୁଆଳ, ରାଉତ ଖଣ୍ଡୁଆଳ ଯାଇଥିବା ବେଳେ ପଣସକୁଦର ବିଟର ଏସଟି ଏଫ କର୍ମଚାରୀ ସେମାନଙ୍କୁ ମାଡ଼ ମାରିଥିଲେ ବୋଲି ଅଭିଯୋଗ କରିଥିଲେ । ଏ କଥା ଗ୍ରାମରେ ଜଣାପଡିବା ପରେ ଗାଁ ରେ ଉତେଜନା ସହ ଅସନକୁଦର ବିଟ କୁ ଗ୍ରାମବାସୀ ଘେରାଉ କରିଥିଲେ । ବିଟରେ ଫରେଷ୍ଟର ଓ ଗାର୍ଡ ଛୁଟି ରେ ଥିଲେ ଦୁଇ ଜଣ ଏସ ଟି ଏଫ କର୍ମଚାରୀ ଥିଲେ । ଖବର ପାଇବା ପରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ , ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଦୁର୍ଗା ଚରଣ ବାସ୍କେ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶର କୁମାର ପାଣିଗ୍ରାହୀ ଓ ହାତିଗଡ଼ା ସରପ□ ଦଶମା ସଏ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ନାଏକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝସୁଝା କରିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଗ୍ରାମବସୀ ମାନେ ଯିଦ ରେ ଅଟଳ ଥିଲେ , ଯେଉଁ ବନ କର୍ମଚାରୀ ତାଙ୍କୁ ମାଡ଼ ମାରିଛନ୍ତି ସେମାନେ ଆସିଲେ ସମାଧାନ ହେବ । ଥାନା ଅଧିକାରିଣୀ ଯେଁଉ ମାନେ ମାଡ଼ ଦେଇଛନ୍ତି ତାଙ୍କ ନାମ ରେ କେସ ଦେଲେ ମୁଁ ତାଙ୍କ  ବିରଧ  ରେ କାର୍ଯାନୁଷ୍ଠାନ ନେବି ପ୍ରତିଶ୍ରୁତି ଦେବା ପରେ ଲୋକ ମାନେ ସେଠାରୁ ଗାଁକୁ ଫେରି  ଥିଲେ ଏବଂ ସନ୍ଧ୍ୟାରେ ଠାକୁରମୁଣ୍ଡା ଥାନା କୁ  ଆସି ଅଭିଯୋଗ କରିଥିବା ଦେଖାଯାଇଛି । ତେବେ ମାଡ଼ ମାରିଥିବା ଝଞ୍ଚର କର୍ମଚାରୀ ଙ୍କ ବିରୋଧ ଥାନା ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରିଣୀ ପ୍ରକାଶ କରିଛନ୍ତି।

## ଯୁବକ ଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ତ୍ରୀ ଓ ସନ୍ଦିଗ୍ଧ ଯୁବକଙ୍କ ନାମରେ ଏତଲା

କାକଟପୁର(ମହାଭାରତ)- କାକଟପୁର ବ୍ଲକ କୁଣ୍ଢେଇ ପଞ୍ଚାୟତ ପାଟପୁର ଗ୍ରାମ ରେ ଘଟିଯାଇଛି ଏକ ଅଭାବନୀୟ ଘଟଣା, ଉକ୍ତ ଗ୍ରାମ ର ଯୁବକ ରଞ୍ଜିତ ନାୟକ (ସୋଲା ) ପନିମାଳ ସ୍ଥିତ କବିତା ନାୟକ ଙ୍କୁ ୨୦ ବର୍ଷ ତଳେ ବୈଦିକ ରୀତିନୀତି ରେ ବିବାହ କରିଥିଲେ। ରଞ୍ଜିତ ଙ୍କର ଦୁଇ ଗୋଟି ସନ୍ତାନ ରହିଛନ୍ତି। ପୁଅ ର ବୟସ ୧୭ ବର୍ଷ ଓ ଝିଅ କୁ ପାଖାପାଖି ୧୬ ବର୍ଷ ବୟସ ହେବ ଓ ଉଭୟ ମେଧାବୀ ଛାତ୍ରଛାତ୍ରୀ, ହଟାତ ୫ ତାରିଖ ଗୁରୁବାର ଦିନ ରଞ୍ଜିତ ଙ୍କ ସ୍ତ୍ରୀ କବିତା ପୋଲିସ କୁ ସୂଚନା ଦେଇଥିଲେ ତାଙ୍କ ସ୍ୱାମୀ ବେକ ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ରୂପେ ରଂଜିତ ଙ୍କ ପରିବାର ଲୋକ ଓ ଗ୍ରାମବାସି ଖଣ୍ଡନ କରିଛନ୍ତି । ଉଭୟ ଙ୍କ କହିବା ମୁତାବକ ଏହା ପୂର୍ବରୁ ସ୍ୱାମୀ ସ୍ତ୍ରୀ ଙ୍କ ଦାମ୍ପତ୍ୟ ଜୀବନ ରେ ସଦାସର୍ବଦା କଳିଝଗଡା ଲାଗୁଥିଲା, ରଞ୍ଜିତ ଅସ୍ତରଙ୍ଗ ରୁ ଭୁବନେଶ୍ୱର ଯାଉଥିବା ବିଶ୍ୱାଳ ନାମକ ଘରୋଇ ବସ ରେ ଡ୍ରାଇଭର ଥିଲେ। ରଞ୍ଜିତ ଆଗରୁ ଦୁଇ ଥର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି କିନ୍ତୁ କଣ ପାଇଁ ଉଭୟ ଙ୍କ ଭିତରେ ଏହିଭଳି ଘଟଣା ଘଟେ ତାହା ସମ୍ପୂର୍ଣ୍ଣ ସନ୍ଦେହ ଘେର ରେ । ଏହି ଘଟଣା ଘଟିବା ପରେ ପାଟପୁର ଗ୍ରାମ ରେ ଏକ ପ୍ରକାର ଶୋକର ପରିବେଶ ସୃଷ୍ଟି ହୋଇଥିଲା, ରଞ୍ଜିତ ଙ୍କ ବନ୍ଧୁ ବାନ୍ଧବ ଓ ପରିବାର ଲୋକ ଗ୍ରାମ ରେ ରୁଣ୍ଡ ହୋଇଥିଲେ ଆଉ ସଭିଙ୍କ ମୁହଁ ରେ କେବଳ ଗୋଟେ ଅଭିଯୋଗ ରଞ୍ଜିତ ର ଏ ଘଟଣା ପାଇଁ କେବଳ ତାଙ୍କ ସ୍ତ୍ରୀ ହି ଦାୟୀ । ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ବେଳେ ବରୁଣେଇ ପାଟପୁର ର ରଞ୍ଜିତ ଙ୍କ ଭଉଣୀ ଲୋଭା ରାଉତ ତାଙ୍କ ଭାଉଜ ଯଥା ରଞ୍ଜିତ ଙ୍କ ସ୍ତ୍ରୀ କବିତା ନାୟକ ଓ ଅନ୍ୟ ଜଣେ ସନ୍ଦିଗ୍ଧ ପୁରୁଷ ଙ୍କ ନାମରେ କାକଟପୁର ଥାନା ରେ ହତ୍ୟା ଅଭିଯୋଗ କରିଛନ୍ତି । ମିଳିଥିବା ଏତଲା କୁ ଭିତ୍ତି କରି କେଶ ନମ୍ବର ୨୪୦/୨୪ ରେ କେଶ ପଞ୍ଜିକରଣ କରାଯାଇ ଏହା ହତ୍ୟା କି ଆତ୍ମହତ୍ୟା ତାହାର ତଦନ୍ତ ଆରମ୍ଭ କରାଯାଇଛି। ଏତଲାକାରୀ ଙ୍କ ରିପୋର୍ଟ ଆଧାର ରେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତ ରେ କାକଟପୁର ପୋଲିସ ପ□ନାମା କରାଇ ଚରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଗ୍ରାମବାସି ଓ ପରିବାର ଦାବୀ କରିଛନ୍ତି ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ଙ୍କୁ ଦଣ୍ଡ ବିଧାନ କରାଯାଉ, ନଚେତ ଆଗାମୀ ଦିନ ରେ କାକଟପୁର ଥାନା ସାମ୍ନା ରେ ଧାରଣା ଦିଆଯିବ, କିନ୍ତୁ କାକଟପୁର ଥାନା ଅଧିକାରୀ ଉମେଶ ସାହୁ ପ୍ରତୀକ୍ରିୟା ଦେଇଛନ୍ତି ।ଏହାକୁ ତଦନ୍ତ କରାଯାଇ ଖୁବ ଶୀଘ୍ର ଘଟଣା ର ସତ୍ୟାସତ୍ୟ ସାମ୍ନା କୁ ଅଣାଯିବ।

## ଉଛଲା ପଞ୍ଚାୟତ ର ଛାଷୀ ୨୦୨୩ ମସିହା ମସିହା ର ଫସଲ ବୀମା ପାଇବାରୁ ବଞ୍ଚିତ.

କଳାହାଣ୍ଡି /ମହାଭାରତ : ଭବାନୀପାଟଣା/କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଉଛଲା ଗ୍ରାମ ପଞ୍ଚାୟତ ର ଉଛଲା, ଆଇଲି, ମଖଲା ଗ୍ରାମର ଚାଷୀ ଗତ ୨୦୨୩ ର ମରୁଡି ଫସଲ ବୀମା ଯୋଜନା ର ବୀମା ରାଶି ଅଦ୍ୟାବଧି ପାଇଁ ନାହାଁନ୍ତି। ଗତ ବର୍ଷ ଏହି ତିନିଟି ଗ୍ରାମରେ ଧାନ ଚାଷୀ ଫସଲ ବୀମା କରିଥିଲେ, ମରୁଡି ହୋଇ ଥିବାରୁ କ୍ରପ କଟିଂ ମଧ୍ୟ ଶେଷ ହୋଇ ଥିଲା। ମରୁଡି ସମ୍ପୂର୍ଣ୍ଣ ହୋଇ ଥିବାରୁ ଧାନ ବିକ୍ରି ଧାନ ମଣ୍ଡି କୁ ଯାଇ ପାରିଲା ନାହି। ଏହି ମରୁଡି ଅଞ୍ଚଳ ଜିଲାପାଳ, ବି ଡି ଓ ତହସିଲଦାର ପରିଦର୍ଶନ ରେ ଆସିଥିଲେ। ଫସଲ ବୀମା ମିଳିବାରେ ପ୍ରତିଶ୍ରୁତି ଦେଇଥିଲେ. ହେଲେ ମରୁଡି ଘୋଷଣା ର ବର୍ଷେ ପରେ ବି ଉଛଲା ଗ୍ରାମ ପଞ୍ଚାୟତ ଛାଷୀ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଫସଲ ବୀମା ପାଇବା ପାଇଁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସାମନ୍ତ ଖମାରୀ ଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଙ୍କୁ ଦାବୀ କରିଛନ୍ତି। ଆଗାମୀ ୨ ସପ୍ତାହ ମଧ୍ୟରେ ବୀମା ରାଶି ନ ପାଇଲେ ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅର୍ନିଦ୍ଧିଷ୍ଟ କାଳ ପାଇଁ ଦିବାରାତ୍ର ଧାରଣା ରେ ବସିବାକୁ ଚେତାବନୀ ଦେଇଛନ୍ତି। ଶ୍ରୀ ଖମାରି ଙ୍କ ନେତୃତ୍ୱରେ ଚାଷୀ ସନ୍ତୋଷ ଭୋଇ ରେବା କୋଟା. ରାଜୁ ନାୟକ। ଗଣପତି ତାଣ୍ଡି. ରାଜାରାମ କଟା ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଛି। ଏଥିରେ ଶିକ୍ଷାବିତ ପବିତ୍ର ମୋହନ ଖାଡଙ୍ଗା ଉଦଘାଟକ,ସରପଂଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟ ଅତିଥି,ଶିଶୁ ମନ୍ଦିର ପ୍ରତିଷ୍ଠାତା ସମ୍ପାଦକ କେଦାର ନାଥ ରାଉତରାୟ,ଉପସଭାପତି ଦୀନବନ୍ଧୁ ବିଶ୍ୱାଳ ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡା ଉତ୍ସବରେ ଖେଳ ଶିକ୍ଷକ ଯୋଗେନ୍ଦ୍ର ପାଟ୍ଟଶାଣୀଙ୍କ ତ୍ୱାବଧାନରେ ୧୩୦ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦୌଡ଼,ଲମ୍ଫ ଡ଼ିଆଁ, ମ୍ୟୁଜିକ ଚେୟାର, ବେଙ୍ଗ ଡ଼ିଆଁ ଓ ଉଚ୍ଚ ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାୟ ଖେଳରେ ବାଳିକା ବର୍ଗରୁ ଶୁଭଶ୍ରୀ ବିଶ୍ୱାଳ ଓ ବାଳକ ବର୍ଗରୁ ସୌମ୍ୟ ରଞ୍ଜନ ବାରିକ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତପାତି ମେଳା ଉଦଘାଟିତ

ଗଜପତି(ମହାଭାରତ): ଗଜପତି  ଜିଲ୍ଲା ସ୍ତରୀୟ କୃଷି ଯନ୍ତପାତି ମେଳା ସ୍ଥାନୀୟ ଗଜପତି ଷ୍ଟାଡିୟମ୍ ଠାରେ ଆଜି ଶୁଭ ଉଦଘାଟିତ ହୋଇଯାଇଛି । ଆଜିର ଜିଲ୍ଲାସ୍ତରୀୟ କୃଷି ଯନ୍ତପାତି ମେଳାରେ  ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀମତୀ ନିର୍ମଳା ସେଠୀ, ଅଧକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି, ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜି ,ଅତିରିକ୍ତ ଜିଲ୍ଲାପାଳ ଗଜପତି, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉଓୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି,ଶ୍ରୀଯୁକ୍ତ ଏ.ରାମ ପ୍ରସାଦ ପାତ୍ର, ଜିଲ୍ଲା ମୁଖ୍ୟ  କୃଷି ଅଧିକାରୀ ଗଜପତି ,ଶ୍ରୀ ପ୍ରଦୀପ କୁମାର ମହାପାତ୍ର,କୃଷି ଅଧୀକ୍ଷକ ଯନ୍ତ୍ରୀ କୃଷି । କୃଷକ ସଶକ୍ତିକରଣ ବିଭାଗ ,କୃଷି ଭବନ ଭୁବନେଶ୍ୱର ଓ ଡ଼ା.ସତ୍ୟ ପ୍ରକାଶ ନନ୍ଦ ଡୀନ୍ ,ସେଞ୍ଚୁରିୟାନ  ବିଶ୍ୱବିଦ୍ୟାଳୟ ,ଆର.ସିତାପୁର, ପାରଳାଖେମୁଣ୍ଡି ପ୍ରମୁଖ ପ୍ରମୁଖ ମଞ୍ଚାସିନ ଥିଲେ ।

## ଚାଷୀ ଙ୍କୁ ଇନ୍ ପୁଟ ସହାୟତା ପାଇଁ ଦେବଗଡ଼ ରେ ଗଡିଲା ସଚେତନତା ରଥ



ଦେବଗଡ଼ (ମହାଭାରତ)ଆଜି ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ତଥା ଉପ ଜ଼ିଲ୍ଲାପାଳ ପରକ୍ଷିତ ସାହୁଙ୍କ ତତ୍ୱାବଧାନରେ ଆୟୋଜିତ ଇନପୁଟ ସହାୟତା ଯୋଗାଇ ଦେବା ପାଇଁ ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ନୂତନ ଜ଼ିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଚଳିତ ନଭେମ୍ବର ୨୦ ରୁ ଧାନ ସଂଗ୍ରହ ପକ୍ରିୟା ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୮ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ ସହାୟତା ରାଶି ପ୍ରଦାନ ର ଶୁଭାରମ୍ଭ କରିବେ। ପରବର୍ତ୍ତୀ ସମୟରେ ଯେଉଁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବେ ସେମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ( ୨୩୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ କରାଯିବ । ଏହି ସଚେତନତା ରଥ ତିନି ବ୍ଲକ ରେ ବୁଲିବ। କାର୍ଯ୍ୟକ୍ରମ ରେ ଜ଼ିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା,  ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ନିୟନ୍ତ୍ରିତ ବଜାର କମିଟି ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ ମୃତ୍ତିକା ଦିବସ ପାଳିତ

ଦେବଗଡ଼ (ମହାଭାରତ)ଆଜିନୂତନ ମୁଖ୍ୟ ଜ଼ିଲ୍ଲା କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜ଼ିଲ୍ଲା ଭାରପ୍ରାପ୍ତ ଜ଼ିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ରେ ମୁଖ୍ୟ ଅତିଥି ଭାବେ ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ବରେଣ୍ୟ ଅତିଥି ଭାବେ ଜ଼ିଲ୍ଲା ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ମାନସି ଭୋଳ, ଜ଼ିଲ୍ଲା ଜଳ ଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ଚନ୍ଦ୍ର ଜଗଦେବ, ଜ଼ିଲ୍ଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଜ଼ିଲ୍ଲାପାଳ ଶ୍ରୀ ସାହୁ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଚାଷୀ ମାନଙ୍କୁ ମୃତ୍ତିକା ସଂରକ୍ଷଣ ଓ ଏହାର ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ଯାଜପୁର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ



ବଡଚଣା (ମହାଭାରତ) : ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲା କୃଷି ବିଭାଗ ର ଏଫ୍.ଆଇ. ଏ.ସି ଠାରେ ଜିଲ୍ଲାସ୍ତରୀୟ ବିଶ୍ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଅଧକ୍ଷତା କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା କହିଲେ ଚଳିତ ବର୍ଷ ବିଶ୍ ମୃତ୍ତିକା ଦିବସର ବିଷୟ ବସ୍ତୁ ମୃତ୍ତିକାର ପରିମାପ, ପର୍ଯ୍ୟବେକ୍ଷଣ ଓ ପରିଚାଳନା ରାଜ୍ୟ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦର ଉପାଧକ୍ଷ ଶ୍ରୀ ଗଣେଶ୍ୱର ବରାଳ ଯୋଗଦେଇ କହିଲେ ଯେ ମାଟି ଆମର ମା' ମୃତ୍ତିକା ର ସଂରକ୍ଷଣ ହେଲେ ପରିବେଶର ସଂରକ୍ଷଣ କରାଯାଇପାରିବ। ଆମେ ପାରମ୍ପରିକ ଖତରେ ଚାଷ କଲେ ଓ ଜୈବିକ ଖତର ବହୁଳ ବ୍ୟବହାର କରିବା ଦ୍ୱାରା ମାଟିର ଉର୍ବରତା ବଢିବା ସହ ମାଟିର ସଂରକ୍ଷଣ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମାଟିର ପରୀକ୍ଷା କରାଯାଇ ମାଟି ଆବଶ୍ୟକ କରୁଥିବା କେଉଁ ସାର ଓ କେତେ ପରିମାଣର ବ୍ୟବହାର କରିବା ଦ୍ୱାରା ମାଟିର ଉର୍ବରତା ବଢ଼ିପାରିବ, ମାଟିର ଉର୍ବାରତା ବଢିଲେ ଉତ୍ପାଦନ ବଢିବା ସହିତ ଚାଷୀ ମଧ ଲାଭାଦାୟୀ ହୋଇପାରିବେ। ଚାଷୀ ଭାଇମାନେ କିଭଳି ଜୈବିକ ଖତ ବ୍ୟବହାର କରିବେ, ଚାଷୀଭାଇମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ବରାଳ ଚାଷୀମାନଙ୍କୁ ରାସାୟନିକ ସାର ସାଙ୍ଗରେ ଉପଲବ୍ଧ ଅନୁଯାୟୀ କୌଣସି ଜୈବିକ ସାର ଯେପରିକି କମ୍ପୋଷ୍ଟ, ଜିଆ ଖତ , ଗୋବର ଖତ ଆଜୋଲା, ବି.ଜି.ଏ, ସବୁଜ ସାର ଆଦିର ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ଯାଜପୁର ଜିଲ୍ଲାରେ ପୂର୍ବରୁ ଉପଲବ୍ଧ ଥିବା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ ଭ୍ୟାନ ଗୁଡ଼ିକୁ ପୁନଃ ଯାଜପୁର ଜିଲ୍ଲାକୁ ଆଣିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲ୍ଲାରେ କିପରି ଆଳୁ ଚାଷ କରାଯାଇପାରିବ ଚାଷୀମାନଙ୍କୁ ସଚେତନ  କରାଯାଇ ସରକାରଙ୍କଠାରୁ ଆସୁଥିବା ଉତ୍ତମମାନର ଆଳୁ ବିହନ ବ୍ଲକ୍ ସ୍ତରରେ  ଥିବା  କୃଷି ଅଧିକାରୀମାନେ ଚାଷୀ ମାନଙ୍କୁ ବଣ୍ଟନ କରିବା ସହିତ କିପରି ଆଳୁ ଚାଷରେ ଅଧିକ ଉତ୍ପାଦନ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ଦରକାର। ଏହି ଦିବସ ରେ ଯୋଗଦେଇ କୃଷି ଜିଲ୍ଲା ଅଧିକାରୀ ଶ୍ରୀ ଅରୁଣ କୁମାର ପାତ୍ର କହିଲେ ଯେ ଶିଶୁର ଯତ୍ନ ଭଳି ମାଟିର ଯତ୍ନ ନେବା ନିହାତି ଆବଶ୍ୟକ। ଜମିର ମାଟିକୁ ଅନ୍ତତଃ ପକ୍ଷେ ପ୍ରତି ତିନି ବର୍ଷରେ ଥରେ ପରୀକ୍ଷା କରାଇନେବା ଉଚିତ। ଯାଜପୁର ଜିଲ୍ଲାରେ ରେ ୭୫% ମାଟି ଅମ୍ଳଯୁକ୍ତ ଅଟେ। ମାଟିର ଅମ୍ଳତା ସୁଧାରିବା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପରାମର୍ଶ ଅନୁସାରେ ଚୂନ ଜାତୀୟ ପଦାର୍ଥ (ଡୋଲମାଇଟ) ର ପ୍ରୟୋଗ କରନ୍ତୁ୍ୟ ଅନ୍ୟମାନଙ୍କ ମଧ୍ୟରେ , ପି.ଡି,ଜଳ ଜୀବନ ମିଶନ ଶ୍ରୀ ରମାକାନ୍ତ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ଉଦ୍ୟାନ କୃଷି , ଶ୍ରୀ ରାଧେଶ୍ୟାମ ବେହେରା ସମ୍ମାନିତ ଅତିଥି ଭାବେ ଓ ଗଣମାଧ୍ୟମ ପ୍ରତିନିଧି, ଚାଷୀ, ବିଭାଗୀୟ ଅଧିକାରୀ ଓ କୃତୀ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେୟ ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମା' ବିରଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା।  ସମସ୍ତ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଏ.ଡି.ଏ, ମୃତ୍ତିକା ପରୀକ୍ଷକ, ମୀରା ପରିଛା ସ୍ୱାଗତ କରିଥିଲେ। ବିଶ୍ ମୃତ୍ତିକା ଦିବସ ଅବସରରେ ଜିଲ୍ଲାରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ସାର୍ଟିଫିକେଟ ଏବଂ ବିଭିନ୍ନ ବ୍ଲକର ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା।

## ସ୍ୱାମୀର ଶୁଦ୍ଧିକ୍ରିୟାରେ ସ୍ତ୍ରୀ ର ମୃତ୍ୟୁ

### ଝୁରି ଝୁରି ଚାଲିଗଲା ପ୍ରାଣପ୍ରିୟାଙ୍କ ଜୀବନ





ଅସ୍ତରଙ୍ଗ(ମହାଭାରତ): ପ୍ରେମ ଶାଶ୍ୱତ ଆଉ ନିର୍ମଳ, ଦେହ ଓ ଆତ୍ମା ଯେପରି ଗୋଟେ ମୁଦ୍ରା ର ଦୁଇ ପାର୍ଶ୍ୱ ଠିକ ସେହିପରି ପ୍ରେମ ଓ ବିଶ୍ୱାସ, ଆଜିକାଲି ର ପ୍ରେମ ନୁହେଁ ଦୀର୍ଘ ୫୦ ବର୍ଷ ର ପ୍ରେମ ଯାହାର ପୂର୍ଣ୍ଣଚ୍ଛେଦ ପଡିଯାଇଛି ଗାଁ ସ୍ମଶାନ ରେ । ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଓଲରା ଗ୍ରାମ ର ବାର୍ଦ୍ଧକ୍ୟ ଦମ୍ପତି ସ୍ୱର୍ଗତଃ ବାଉରୀବନ୍ଧୁ ଓ ତାଙ୍କ ଧର୍ମପତ୍ନୀ ମାଳତୀ ବିଶ୍ୱାଳ,୧୯୪୫ ମସିହା ରେ ଜନ୍ମଗ୍ରହଣ କରିଥିବା ବାଉରୀବନ୍ଧୁ ବିଶ୍ୱାଳ ଗତ ନଭେମ୍ବର ୨୪ ତାରିଖ ରେ ବାର୍ଦ୍ଧକ୍ୟ ପୀଡା ରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ସେ ସିନା ୮୦ ବର୍ଷ ବୟସ ରେ ଇହଲୀଳା ତ୍ୟାଗକଲେ କିନ୍ତୁ ଏକୁଟିଆ ହୋଇଯାଇଥିଲେ ତାଙ୍କ ପ୍ରାଣପ୍ରିୟା ୭୫ ବର୍ଷିଆ ବୃଦ୍ଧା ମାଳତୀ, ଆଜକୁ ୧୧ ଦିନ ହେବ ସବୁବେଳେ ମାଳତୀ ଝୁରୁଥିଲେ ତାଙ୍କ ସ୍ୱାମୀ ଙ୍କୁ, ମନେ ପକାଇ ଜୀବନ ର ପରିଣତ ବୟସ ରେ ଆଖିରୁ ଝରାଉଥିଲେ ଲୁହ, ଯେଉଁ ଲୁହ ରେ ଲୁଚି ରହିଥିଲା ଅନେକ ଅକୁହା କଥା, ପରିବାର ରେ ପୁଅ ବୋହୂ ନାତି ନାତୁଣୀ ସବୁ ଖୁସି ମିଳିଲେ ବି ନିଜ ଶଙ୍ଖା ସିନ୍ଦୁର ପାଇଁ ମଳିନ ପଡିଯାଇଥିଲା ମାଳତୀ ଙ୍କ ଆଖି, ସ୍ୱାମୀ ଯିବାର ୧୦ ଦିନ ହେବ ପେଟକୁ ନେଇନାହାନ୍ତି ଆହାର,କାନ୍ଦି କାନ୍ଦି ଲୁହ ବି ଶୁଖୁନି, ସାଇ ପଡିଶା ବନ୍ଧୁବାନ୍ଧବ ଯେତେ ବି ବୁଝାଇଲେ ବୁଝୁନଥିଲେ ସେ, କେବଳ ଗୋଟେ ଶବ୍ଦ ଭାସି ଆସୁଥିଲା। ତାଙ୍କ ବାର୍ଦ୍ଧକ୍ୟ କଣ୍ଠ ରୁ - ମୋ ଧନ, ମୋ ପ୍ରାଣ ମୁଁ ଥାଉ ଥାଉ କାହିଁ ଆଗ ଚାଲିଗଲ, ମୁଁ ଅଛି ସୁଲକ୍ଷଣି ର ଆଶୀର୍ବାଦ କି ମୂଲ୍ୟ ଦେଲ, ଯେତେବେଳେ ଗଲ ମୋତେ କାହିଁ ଡ଼ାକିଲନି ତୁମ ସହ ମୁଁ ବି ଯାଇଥାନ୍ତି । ସତେ ଯେପରି ଲାଗୁଥିଲା ତାଙ୍କ ସ୍ୱାମୀ ବାଉରୀବନ୍ଧୁ ଙ୍କ ଆତ୍ମା ସେହି ଘର ନିକଟରେ ଅପେକ୍ଷା କରିଛି ତାଙ୍କ ପ୍ରାଣପ୍ରିୟା ଙ୍କୁ, ଠିକ ୧୧ ଦିନ ରେ ଘଟିଲା ଏକ ଆଶ୍ଚର୍ଯ୍ୟ ଘଟଣା, ଗୋଟେ ପଟେ ବାଉରୀବନ୍ଧୁ ଙ୍କ ସୁଧକ୍ରିୟା ଭୋଜି ଚାଲୁଚି, ଭାଇ ବନ୍ଧୁ ଗ୍ରାମବାସି ପ୍ରୀତି ଭୋଜନ ଖାଇ ଘରକୁ ଫେରୁଛନ୍ତି ବାଉରୀବନ୍ଧୁ ଙ୍କ ଘରୁ ଶୁଭିଲା ଆଉ ଏକ ଚିତ୍କାର, ହଟାତ ଦେଖିବାକୁ ମିଳିଲା ତାଙ୍କ ପତ୍ନି ମାଳତୀ ବି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଯାହାକୁ ନେଇ ଗ୍ରାମବାସୀ କହୁଛନ୍ତି ଏ ଦୁଇ ଜଣ ଖାଲି ଦମ୍ପତି ନଥିଲେ ଥିଲେ ସାତ ଜନ୍ମ ର ଚିରନ୍ତନ ପ୍ରେମୀ ଯୁଗଳ ସେଥିପାଇଁ ବାଉରୀବନ୍ଧୁ ଙ୍କ ସୁଧକ୍ରିୟା ରେ ବାଉରୀଙ୍କ ଆତ୍ମା ନିଜ ପ୍ରାଣପ୍ରିୟା ଙ୍କୁ ଡାକିନେଇଗଲା। ଏହି ଭଳି ଏକ ଦାମ୍ପତ୍ୟ ପ୍ରେମ ଓ ସ୍ୱର୍ଗାରୋହଣ ହୁଏତ ଅସ୍ତରଙ୍ଗ ଅଞ୍ଚଳ ରେ ପ୍ରଥମ ବୋଲି ବିଭିନ୍ନ  ମହଲ  ରେ ଆଲୋଚନା ହେଉଛି ।

# ଭାଙ୍ଗିଲା ଫ୍ରାନ୍ସ ସରକାର

**ନୂଆଦିଲ୍ଲୀ,୫।୧୨:** ମାତ୍ର ୩ ମାସ ଭିତରେ ଭାଙ୍ଗିଗଲା ଫ୍ରାନ୍ସର ମିସେଲ ବର୍ଣ୍ଣିୟରଙ୍କ ସରକାର । ଅନାସ୍ଥା ଭୋଟରେ ହାରିଲେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ମସିଲେ । ତାଙ୍କ ବିରୋଧରେ ଶତାଧିକ ଭୋଟ୍ ପଡିଛି । ତେଣୁ ବର୍ତ୍ତମାନ ତାଙ୍କୁ ଇସ୍ତଫା ଦେବାକୁ ପଡିବ । ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ନିକଟରେ ନିଜ ଇସ୍ତପା ଦାଖଲ କରିବେ । ଫ୍ରାନ୍ସରେ ୬୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଜାତୀୟ ସଭାର ନିମ୍ନ ଗୃହ ସରକାରଙ୍କୁ ହଟାଇବା ପାଇଁ ଏକ ପ୍ରସ୍ତାବ ପାରିତ କରି ଅନାସ୍ଥା ଭୋଟକୁ ଅନୁମୋଦନ କରିଛି । ବର୍ଣ୍ଣିୟର୍ ନେତୃତ୍ୱାଧୀନ ସରକାର



ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ବାମପନ୍ଥୀ । ମେରିନ୍ ଲେ ପେନ୍‌ଙ୍କ ନେତୃତ୍ୱରେ ରାଇଟ୍ ୱିଙ୍ଗ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲା । ୫୭୭ ସଦସ୍ୟ ବିଶିଷ୍ଟ ଗୃହରେ ୩୩୧ ସାଂସଦଙ୍କ ମଧ୍ୟରୁ ଅଧିକାଂଶ ବର୍ଣ୍ଣିୟର୍ ସରକାରଙ୍କୁ ହଟାଇବାକୁ ଭୋଟ୍ ଦେଇଛନ୍ତି । ଫ୍ରାନ୍ସରେ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ହେଲେ ଏଥିରେ କୌଣସି ବି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ପାରିନଥିଲେ । ଏହା ପରେ ବର୍ଣ୍ଣିୟର୍ ସରକାର ଗଠନ କରିବାରେ ସଫଳ ହୋଇଥିଲେ । କିନ୍ତୁ ଏବେ ତିନି ମାସ ମଧ୍ୟରେ ତାଙ୍କ ସରକାର ଭାଙ୍ଗି ଯାଇଛି । ନ୍ୟାସନାଲ ଆସେମ୍ବଲିରେ ଆସନ୍ତା ବର୍ଷ ପାଇଁ ଏକ ବ୍ୟୟବହୁଳ ବଜେଟ୍ ଉପରେ ବିବାଦ ମଧ୍ୟରେ ବାମପନ୍ଥୀମାନେ ଅନାସ୍ଥା ପ୍ରସ୍ତାବ ପାରିତ କରିଛନ୍ତି । ବାଚସ୍ପତି ୟେଲ ବ୍ରାଉନ୍ ପିଭେଟ୍ ସ୍ପଷ୍ଟ କରିଛନ୍ତି ଯେ, ମିସଲେଙ୍କୁ ନିଶ୍ଚିତ ରୂପେ ନିଜ ଇସ୍ତଫା ରାଷ୍ଟ୍ରପତି ମାକ୍ରୋନ୍‌ଙ୍କୁ ଦେବାକୁ ପଡ଼ିବ । ମିଳିଥିବା ସୂତ୍ରର ସୂଚନା ମୁତାବକ, ରାଷ୍ଟ୍ରପତି ମାକ୍ରୋନ୍ ଯଥାଶୀଘ୍ର ଏକ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ଚାହୁଁଛନ୍ତି । ୧୯୬୨ମସିହାରେ ଚାର୍ଲ୍ସ ଡି ଗଲ୍ ରାଷ୍ଟ୍ରପତି ଥିବାବେଳେ ଜର୍ଜ ପମ୍ପିଡୋ ସରକାରଙ୍କ ପରାଜୟ ପରଠାରୁ ଏହାଥିଲା ପ୍ରଥମ ସଫଳ ଅନାସ୍ଥା ପ୍ରସ୍ତାବ । ୧୯୫୮ ମସିହାରେ ପଞ୍ଚମ ଗଣତନ୍ତ୍ର ଆରମ୍ଭ ହେବା ପରଠାରୁ ଫ୍ରାନ୍ସରେ ଚଳିତ ସରକାର ସବୁଠୁ କମ୍ ଦିନର ଶାସନରେ ଥିଲା ।

# ମୋଦୀ ଏବଂ ମେକ୍ ଇନ୍ ଇଣ୍ଡିଆକୁ ପ୍ରଶଂସା କଲେ ପୁଟିନ

**ମସ୍କୋ,୫।୧୨:** ଭାରତ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି । ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଅର୍ଥନୈତିକ ପଦକ୍ଷେପକୁ ବିଶେଷ କରି ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଭାରତରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ (ଏସଏମଇ) ପାଇଁ ସ୍ଥାୟୀ ସ୍ଥିତି ସୃଷ୍ଟି ପାଇଁ ଉଦ୍ୟମ ନେଇ ସେ ଭାରତ ସରକାର ଏବଂ ଦେଶର ନେତୃତ୍ୱଙ୍କୁ ପ୍ରଶଂସା କରିଛନ୍ତି । ବୁଧବାର (୪ ଡିସେମ୍ବର ୨୦୨୪) ମସ୍କୋରେ ଭିଟିବି ନିବେଶ ଫୋରମକୁ ସମ୍ବୋଧିତ କରି ଭ୍ଲାଡିମିର ପୁଟିନ୍ ରୁଷିଆର ଆମଦାନୀ ପ୍ରତିସ୍ଥାପନ କାର୍ଯ୍ୟକ୍ରମ ଏବଂ ଭାରତର ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ମଧ୍ୟରେ ସମାନତା ଆଣିଛନ୍ତି । ପୁଟିନ ଏହା ମଧ୍ୟ କହିଛନ୍ତି ଯେ, ଭାରତର ନେତୃତ୍ୱ ଏହାର ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ନୀତି ଉପରେ ଧ୍ୟାନ ଦେଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କର ମଧ୍ୟ ମେକ୍ ଇନ୍ ଇଣ୍ଡିଆ ନାମକ ଏକ କାର୍ଯ୍ୟକ୍ରମ ରହିଛି । ଆମେ ମଧ୍ୟ ଭାରତରେ ଆମର ଉତ୍ପାଦନ ଅପରେସନ ସୃଷ୍ଟି କରିବାକୁ ପ୍ରସ୍ତୁତ । ଭାରତର ପ୍ରଧାନମନ୍ତ୍ରୀ ସ୍ଥିର ପରିସ୍ଥିତି ସୃଷ୍ଟି କରୁଛନ୍ତି । ଭାରତୀୟ ନେତୃତ୍ୱ ଭାରତକୁ ପ୍ରାଥମିକତା ଦେବା ନୀତି ଉପରେ କାର୍ଯ୍ୟ କରୁଛନ୍ତି । ତେଣୁ ଆମେ ବିଶ୍ୱାସ କରୁଛୁ ଯେ, ଭାରତରେ ବିନିଯୋଗ ଲାଭଦାୟକ ହେବ । କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ବ୍ରିକ୍ସ ପରିବର୍ତ୍ତନ ପରିପ୍ରେକ୍ଷୀରେ ରୁଷିଆର ଆମଦାନୀ ପ୍ରତିସ୍ଥାପନ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ଏବଂ ବ୍ରିକ୍ସ ପ୍ଲସ୍ ଦେଶରେ ଏସଏମଇ ଗୁଡ଼ିକର ପରିଚାଳନା ପାଇଁ ତ୍ୱରିତ ବିବାଦର ସମାଧାନ ପ୍ଲାଟଫର୍ମର ଆବଶ୍ୟକତା ଉପରେ ପୁଟିନ ଗୁରୁତ୍ୱାରୋପ



କରିଛନ୍ତି । ବଜାରରେ ଥିବା ପାଶ୍ଚାତ୍ୟ ବ୍ରାଣ୍ଡଗୁଡିକୁ ବଦଳାଉଥିବା ନୂତନ ରୁଷିଆ ବ୍ରାଣ୍ଡର ଉତ୍ପତ୍ତି ବିଷୟରେ ସେ ଉଲ୍ଲେଖ କରିଛନ୍ତି ଏବଂ ଉପଭୋକ୍ତା ସାମଗ୍ରୀ, ଆଇଟି, ଉଚ୍ଚ-ବୈଷୟିକ ତଥା କୃଷି ଭଳି କ୍ଷେତ୍ରରେ ସ୍ଥାନୀୟ ରୁଷିଅ। ଉତ୍ପାଦକଙ୍କ ସଫଳତାକୁ ସୂଚିତ କରିଛନ୍ତି । କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ବ୍ରିକ୍ସ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ପୁଟିନ ଆହ୍ୱାନ ଦେଇଛନ୍ତି । ଆସନ୍ତା ବର୍ଷ ବ୍ରାଜିଲରେ ହେବାକୁ ଥିବା ଶିଖର ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରମାନଙ୍କୁ ସହଯୋଗର ପ୍ରମୁଖ କ୍ଷେତ୍ର ଆକଳନ କରିବାକୁ କହିଛନ୍ତି । ସେ କହିଛନ୍ତି, ମୁଁ ବ୍ରିକ୍ସ କର୍ପୋରେସନ୍ ସହକର୍ମୀଙ୍କୁ ସହଯୋଗର ମୁଖ୍ୟ କ୍ଷେତ୍ରଗୁଡିକର ସ୍ଥିତି ବିଶ୍ଳେଷଣ କରିବାକୁ କହିବି ଏବଂ ଏନେଇ ଆସନ୍ତା ବର୍ଷ ବ୍ରିକ୍ସର ଅଧକ୍ଷତା କରୁଥିବା ବ୍ରାଜିଲ୍ ସହକର୍ମୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି ।

# ଆଇଫୋନ୍ ଉତ୍ପାଦନରେ ଚୀନ୍ ସମକକ୍ଷ ହେବ ଭାରତ

**ନୂଆଦିଲ୍ଲୀ,୫।୧୨:** ବିଶ୍ୱର କାରଖାନା ଭାବେ ପରିଚିତ ଚୀନକୁ ଭାରତ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଉଛି । ବିଶେଷ କରି ଫୋନ୍ ଉତ୍ପାଦନ କ୍ଷେତ୍ରରେ ଏହା ଦ୍ରୁତ ଗତିରେ ଆଗକୁ ବଢୁଛି । ଆପଲ୍ କମ୍ପାନୀର ଆଇଫୋନ୍ ଉତ୍ପାଦନରେ ଭାରତ ପାଞ୍ଚ ବର୍ଷ ଭିତରେ ଚୀନ୍ ସମକକ୍ଷ ହୋଇଯିବ ବୋଲି ଆକଳନ କରାଯାଇଛି । ବର୍ତ୍ତମାନ ଭାରତରେ ବିଶ୍ୱର ୧୪-୧୫ ପ୍ରତିଶତ ଆଇଫୋନ୍ ଉତ୍ପାଦନ କରାଯାଉଛି । ଭାରତ ହେଉଛି ଏକମାତ୍ର ଦେଶ ଯାହା ଚୀନ୍ର ବିକଳ୍ପ ଭାବେ ଉଭା ହୋଇଛି । ୨୦୨୭ ସୁଦ୍ଧା ଭାରତରେ ୩୦ ପ୍ରତିଶତ ଆଇଫୋନ୍ ଉତ୍ପାଦନ ହେଉଥିବ ବୋଲି ଆକଳନ କରାଯାଇଛି । ଉତ୍ପାଦନ କ୍ଷେତ୍ରରେ ଆପଲ୍ ପ୍ରତି ଭାରତର ଯୋଗଦାନ ବୁଥିଲେ ମଧ୍ୟ ରାଜସ୍ୱ ଦୃଷ୍ଟିରୁ ତାହା ଚୀନଠାରୁ ଯଥେଷ୍ଟ ପଛୁଆ ରହିଛି । ଆଇଫୋନର ଦାମ୍ ଏତେ ଅଧିକ ରହୁଛି ଯେ କେବଳ ସ୍ୱଚ୍ଛଳ ବର୍ଗକୁ ବାଦ ଦେଲେ ଭାରତର ଏକ ସିଂହଭାଗ ଜନସଂଖ୍ୟା ସେହି ଫୋନ୍ କିଣିବାକୁ ସାହସ ଜୁଟାଇ ପାରୁନାହାନ୍ତି । ୨୦୨୩-୨୪ରେ ଆପଲ୍ ଭାରତରୁ ୮୦୦ କୋଟି ଡଲାର ରାଜସ୍ୱ ପାଇଥିଲା ଯାହା କମ୍ପାନୀର ବିଶ୍ୱସ୍ତରୀୟ ରାଜସ୍ୱର ମାତ୍ର ୨ ପ୍ରତିଶତ । ଚୀନରୁ କିନ୍ତୁ ଆପଲର ୧୭ ପ୍ରତିଶତ ଆୟ ହୋଇଥିଲା । ଭାରତଠାରୁ ଚୀନର ମୁଣ୍ଡପିଛା ଆୟ ୫ ଗୁଣ ଅଧିକ ରହିଛି । ସେଥିପାଇଁ ସେଠାକାର ଲୋକମାନଙ୍କ କ୍ରୟ ଶକ୍ତି ଅଧିକ ରହିଛି । ଆମେରିକା ପରେ ଦ୍ୱିତୀୟ ସର୍ବାଧିକ ଆଇଫୋନ୍ ଚୀନରେ ବିକ୍ରି ହେଉଛି । ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବଡ଼ ସ୍ମାର୍ଟଫୋନ୍ ବଜାର । କିନ୍ତୁ ଏଠାରେ ଆପଲର ବଜାର ଅଂଶ ମାତ୍ର ୬-୭ ପ୍ରତିଶତ ରହିଛି । ଅବଶିଷ୍ଟ ବଜାର ଆଣ୍ଡ୍ରଏଡ୍ ଫୋନ୍ କବ୍ଜାରେ ରହିଛି । ସାମସଙ୍ଗ, ଓପୋ, ଭିଭୋ ଓ ଶାଓମି ଭଳି ବ୍ରାଣ୍ଡ୍ ଏହି ବଜାରର ଆବଶ୍ୟକତା ପୂରଣ କରୁଛନ୍ତି । ଆମେରିକା ଓ ଚୀନ୍ ମଧ୍ୟରେ ବାଣିଜ୍ୟ ଲଢେ ପରେ ନିଜ ଯୋଗାଣ ଶୃଙ୍ଖଳାରେ ବିବିଧତା ଆଣିବା ଲାଗି ଭାରତରେ କାରଖାନା ସ୍ଥାପନ କରିବାକୁ ୨୦୨୦ରେ ଆପଲ୍ ନିଷ୍ପତ୍ତି ନେଇଥିଲା । କମ୍ପାନୀ ଭାରତରେ ଉତ୍ପାଦନ କରୁଥିବା ୭୦ ପ୍ରତିଶତ ଆଇଫୋନ୍ ରପ୍ତାନୀ କରୁଛି । ସାମସଙ୍ଗ ୩୦-୩୫ ପ୍ରତିଶତ ଫୋନ୍ ରପ୍ତାନୀ କରୁଥିବା ବେଳେ ଅବଶିଷ୍ଟ ଫୋନଗୁଡ଼ିକୁ ସ୍ଥାନୀୟ ବଜାରରେ ବିକ୍ରି କରୁଛି ।

# ଆପ୍‌କୁ ବଡ଼ ଝଟକା

## ରାଜନୀତିରୁ ସନ୍ନ୍ୟାସ ନେଲେ ଦିଲ୍ଲୀ ବିଧାନସଭା ବାଚସ୍ପତି ରାମ ନିବାସ ଗୋଏଲ୍

**ନୂଆଦିଲ୍ଲୀ,୫।୧୨(କେଏନଏସ):** ଆମ୍ ଆଦମୀ ପାର୍ଟିକୁ ବଡ଼ ଝଟ୍‌କା ।ନିର୍ବାଚନର ଠିକ୍ ପୂର୍ବରୁ ଦିଲ୍ଲୀ ବିଧାନସଭା ବାଚସ୍ପତି ଓ ଆମ୍ ଆଦ୍ମୀ ପାର୍ଟିର ବରିଷ୍ଠ ବିଧାୟକ ରାମ ନିବାସ ଗୋଏଲ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି । ଏନେଇ ରାମ ନିବାସ ଗୋଏଲ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି । ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଲେଖିଥିବା ଚିଠିରେ ରାମ ନିବାସ ଗୋଏଲ କହିଛନ୍ତି ଯେ, ଗତ ୧୦ ବର୍ଷ ଧରି ମୁଁ ବିଧାନସଭାର ବିଧାୟକ ତଥା ବାଚସ୍ପତି ଭାବରେ ମୋର ଦାୟିତ୍ୱକୁ



ଦକ୍ଷତାର ସହ ପାଳନ କରିଛି । ତୁମେ ମୋତେ ସବୁବେଳେ ବହୁତ ସମ୍ମାନ ଦେଇଛ, ଯାହା ପାଇଁ ମୁଁ ତୁମ ପାଖରେ ସର୍ବଦା କୃତଜ୍ଞ ରହିବ । ଦଳ ଏବଂ ସମସ୍ତ ବିଧାୟକ ମଧ୍ୟ ମୋତେ ବହୁତ ସମ୍ମାନ ଦେଇଛନ୍ତି, ଏଥିପାଇଁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି । ମୋର ବୟସ ହେତୁ ମୁଁ ରାଜନୀତିରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛି । କିନ୍ତୁ ମୁଁ ମୋର ସମସ୍ତ ହୃଦୟ, ମନ ଏବଂ ଧନ ସହିତ ଆମ୍ ଆଦମୀ ପାର୍ଟିର ସେବା ଜାରି ରଖିବି । ଆପଣ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ମୁଁ କରିବାକୁ ଚେଷ୍ଟା କରିବି ।'ସେପଟେ ଗୋଏଲଙ୍କ ଏହି ଘୋଷଣା ପରେ ଅରବିନ୍ଦ କେଜ୍ରିଓ୍ୱାଲ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଆମେ ତାଙ୍କ ନିଷ୍ପତ୍ତିକୁ ସମ୍ମାନ କର । ଗୋଏଲ ସାହେବ ଆମ ପରିବାରର ଅଭିଭାବକ ଥିଲେ ଏବଂ ରହିବେ । ଭବିଷ୍ୟତରେ ମଧ୍ୟ ପାର୍ଟି ତାଙ୍କ ଅଭିଜ୍ଞତା ଏବଂ ସେବାର ଆବଶ୍ୟକ ପଡିବ । କହିରଖୁ ଯେ, ରାମ ନିବାସ ଗୋଏଲ ଶାହଦରାରୁ ଆମ୍ ଆଦମୀ ପାର୍ଟି ବିଧାୟକ ଅଟନ୍ତି। ସେ ଫେବ୍ରୁଆରୀ ୨୦୧୫ରୁ ଲଗାତର ଦିଲ୍ଲୀ ବିଧାନସଭାର ବାଚସ୍ପତି ଅଛନ୍ତି ।

# 'ଭଲରେ କାମ କରୁନଥିବା ଠିକାଦାରଙ୍କୁ ବୁଲଡୋଜର ତଳେ ପକାଇ ଦିଆଯିବ'

**ନୂଆଦିଲ୍ଲୀ,୫।୧୨** ଦ୍ରୁତ ଗତିରେ ସଡକ ନିର୍ମାଣ ଓ ଏହାର ମାନ ନେଇ ସଂସଦରେ ନୀତିନ ଗଡକରୀ ଦେଇଛନ୍ତି ବଡ଼ ବୟାନ । ଗୁରୁବାର ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଗଡକାରୀ କହିଛନ୍ତି, ମୁଁ ପୂର୍ବରୁ କହିସାରିଛି, ଠିକ୍ କାମ କରୁନଥିବା ଠିକାଦାରଙ୍କୁ ବୁଲଡୋଜର ପକାଇ ଦିଆଯିବ । ସେ ଗୃହର ପ୍ରଶ୍ନକାଳ ବେଳେ ରାଜସ୍ଥାନର ନାଗେରୁ ସାଂସଦ ଥିବା ହନୁମାନ ବେନିଓ୍ୱାଲଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ଯେ, ଠିକାଦରଙ୍କୁ ଠିକ୍ ଭାବରେ କାମ କରିବା ପାଇଁ ଶକ୍ତ ହେବାକୁ ପଡିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ବିଭାଗ ୫୦ ଲକ୍ଷ କୋଟି ଟଙ୍କା କାମ କରିଛୁ । ଆମେ ପାରଦର୍ଶୀ ଓ ସମୟବଦ୍ଧ । ଏବେ ପରିଣାମ ଦେବାର ସମୟ ଆସିଛି ।'ତାଙ୍କର କହିବା ଅନୁସାରେ, ମୁଁ ଏହାର ଉଲ୍ଲେଖ କରିବାକୁ ଚାହୁଁନି। ମୁଁ କହିସାରିଛି ଯେ, ଯଦି ଠିକାଦାର ଠିକ୍ ଭାବରେ କାମ କରିବେନି ତାଙ୍କୁ ବୁଲଡୋଜର ତଳେ ପକାଇ ଦେବୁ । ଏ ବର୍ଷ



ଦେଖନ୍ତୁ କେଉଁଭଳି କାମ କରିବି, ଆମେ ଟିକେ ବି କାମରେ ବୁଝାମଣା କରିବୁନି । ସେ ଗୃହରେ କହିଛନ୍ତି, ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେ'ର ନିର୍ମାଣରେ ଦେଖିବାକୁ ମିଳିଥିବା ନିମ୍ନମାନର କାମ ପାଇଁ ୪ ଜଣ ଠିକାଦାରଙ୍କୁ ଦାୟୀ କରାଯାଇଛି । ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ ଲୋକସଭାରେ ପ୍ରଶ୍ନକାଳ ବେଳେ କହିଛନ୍ତି, ଆଇଆଇଟି-ଖଡଗପୁର ଓ ଆଇଆଇଟି-ଗାନ୍ଧୀନଗରର ବିଶେଷଜ୍ଞ ଏକ୍ସପ୍ରେସ୍ ୱେର ନିରୀକ୍ଷଣ କରିଛନ୍ତି ଓ ଏହାର ନିର୍ମାଣରେ ଅଭାବ ଦେଖିବାକୁ ମିଳିଛି । ଗଡକାରୀ କହିଛନ୍ତି, ଆମେ ସେହି ୪ ଠିକାଦାରଙ୍କ ନୋଟିସ ଜାରି କରି ତାଙ୍କୁ ବ୍ଲାକ ଲିଷ୍ଟ କରିଦେବୁ । କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।' ମନ୍ତ୍ରୀ କହିଛନ୍ତି, ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେ ଦେଶର ସବୁଠାରୁ ଲମ୍ବା ସଡକ ଓ ଏହାର ନିର୍ମାଣ ସବୁଠାରୁ କମ୍ ସମୟରେ ହୋଇଛି ।

# ବିହାର, ଝାଡ଼ଖଣ୍ଡକୁ ଯିବନି ପଶ୍ଚିମବଙ୍ଗ ଆଳୁ : ମମତା

**କୋଲକାତା,୫।୧୨(ଏଜେନ୍ସି):** ପଶ୍ଚିମବଙ୍ଗର ମମତା ସରକାରଙ୍କ ତୁଗଲକୀ ନିର୍ଦ୍ଦେଶ ଯୋଗୁଁ କେବଳ ଓଡ଼ିଶାବାସୀ ନୁହନ୍ତି, ପଶ୍ଚିମବଙ୍ଗର ଅନ୍ୟ ପଡ଼ୋଶୀମାନେ ବି ସମସ୍ୟାରେ ପଡ଼ିଛନ୍ତି । ଏବେ ବିହାର ଓ ଝାଡ଼ଖଣ୍ଡବାସୀ ବି ଆଳୁ ସମସ୍ୟାରେ ପଡ଼ିଛନ୍ତି । ପଶ୍ଚିମବଙ୍ଗ ସୀମାନ୍ତ



ସୀମାଞ୍ଚଳର କିଶନଗଞ୍ଜ, କଟିହାର ଓ ପୂର୍ଣ୍ଣିଆରେ ଆଳୁ ଓ ପିଆଜ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଝାଡ଼ଖଣ୍ଡରେ ଆଳୁ ଯୋଗାଣ ଅଭାବରୁ ମହଙ୍ଗା ଦରରେ ଆଳୁ ବିକ୍ରି ହେଉଛି । ସେପଟେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ମଧ୍ୟରେ ଆଳୁର ଆନ୍ତଃରାଜ୍ୟ କାରବାରକୁ ନେଇ ବିବାଦ ଦେଖାଦେଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ସରକାର ବିହାରକୁ ଆଳୁ ଓ ପିଆଜ ପରିବହନ ଉପରେ କଟକଣା ଲଗାଇଛନ୍ତି । ପଶ୍ଚିମବଙ୍ଗରୁ ଯେପରି ଆଳୁ ବିହାରକୁ ନ ଅଣାଯାଏ ସେଥିପାଇଁ ବିହାର-ପଶ୍ଚିମବଙ୍ଗ ସୀମାରେ ଥିବା ରାମପୁର ଚେକ୍ ପୋଷ୍ଟରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହି ନିଷ୍ପତ୍ତି ପରେ ସୀମାନ୍ତ ଅଞ୍ଚଳର ବ୍ୟବସାୟୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ଆଳୁ ଦର ଅତ୍ୟଧିକ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛ । ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଳୁ ବୋଝେଇ ଗାଡ଼ିଗୁଡ଼ିକୁ ସୀମା ଅତିକ୍ରମ କରିବାକୁ ଅନୁମତି ଦିଆଯାଉନାହିଁ । କେବଳ ପଶ୍ଚିମବଙ୍ଗରେ ଆଳୁ ଓ ପିଆଜ ବିକ୍ରି ହେବ ବୋଲି ପଶ୍ଚିମବଙ୍ଗ ପୁଲିସ ସ୍ପଷ୍ଟ ଭାବେ କହିଛି । ଏହାକୁ ଅନ୍ୟ କୌଣସି ରାଜ୍ୟକୁ ପଠାଯିବ ନାହିଁ।

# ଭାରତ ସହିତ ଶତ୍ରୁତା କରି ନିଜ ଗୋଡ଼ରେ କୁରାଢ଼ି ମାରିଛନ୍ତି ଟ୍ରୁଡୋ

**ନୂଆଦିଲ୍ଲୀ,୫।୧୨:** ଭାରତ ସହିତ ଶତ୍ରୁତା କରି ନିଜ ଗୋଡ଼ରେ କୁରାଢ଼ି ମାରିଛନ୍ତି କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ। ବର୍ତ୍ତମାନ ନିଜ ଦେଶର ଜନତା ପାଲଟିଛନ୍ତି ଟ୍ରୁଡୋଙ୍କ ଦୃଢ଼ ସମାଲୋଚକ । ଟ୍ରୁଡୋ ଭାରତ ସହିତ ସମ୍ପର୍କ ଖରାପ କରି ଭୁଲ୍ କରିଛନ୍ତି ଖୋଦ୍ କାନାଡ଼ା ନାଗରିକ କହୁଛନ୍ତି। ଏକଥା ଆମେ କହୁ ନାହୁଁ ଏକ ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି। ଆଙ୍ଗୁସ ରିଡ ଇନଷ୍ଟିଚ୍ୟୁଟ(ଏଆରଆଇ)ଓ ଏସିଆ ପାସିଫିକ ଫାଉଣ୍ଡେସନ ଅଫ କାନାଡା ଦୁହେଁ ମିଶି କାନାଡାରେ ଏକ ସର୍ଭେ କରିଥିଲେ। । ଏହି ସର୍ଭେରେ ୩୯ ପ୍ରତିଶତ କାନାଡ଼ା ନାଗରିକ ଟ୍ରୁଡୋ ସରକାରଙ୍କୁ ସମାଲୋଚନା କରିଥିଲେ । କାନାଡ଼ା ସରକାର ଭାରତ ସହ କୁଟନୈତିକ ସମ୍ପର୍କ ରଖିବାରେ ଫେଲ୍ ମାରିଛନ୍ତି ବୋଲି କହିଥିଲେ । ଖାଲି



ସେତିକି ନୁହେଁ, ଜଷ୍ଟିନ ଟ୍ରୁଡୋ ପ୍ରଧାନ ମନ୍ତ୍ରୀ ଥିବା ଯାଏ ଭାରତ ସହିତ ସମ୍ପର୍କ ସୁଧୁରିବ ନାହିଁ ବୋଲି ମଧ୍ୟ ୩୯ ପ୍ରତିଶତ କାନାଡ଼ା ନାଗରିକ କହିଛନ୍ତି । ଏହି ସର୍ଭେରେ ଭାଗନେଇଥିବା ଅଧିକାଂଶ ଲୋକ କାନାଡା ସରକାରଙ୍କୁ ଦୋଷ ଦେଇଥିଲେ । ସର୍ଭେ ଅନୁଯାୟୀ କାନାଡା ସରକାର ନିଜ ବନ୍ଧୁରାଷ୍ଟ୍ରଗୁଡ଼ିକ ସହ ଠିକ ସମ୍ପର୍କ ରଖୁନାହାନ୍ତି ବୋଲି ୩୯ ପ୍ରତିଶତ କାନାଡ଼ାବାସୀ କହିଥିବା ବେଳେ ୩୨ ପ୍ରତିଶତ ଏହା ବିରୋଧରେ ମତ ଦେଇଥିଲେ । ତେବେ ୨୯ ପ୍ରତିଶତ କହିଥିଲେ ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ । ଅନ୍ୟପଟେ କାନାଡାରେ ୨୦୨୫ରେ ସଂସଦୀୟ ନିର୍ବାଚନ ହେବାକୁ ଯାଉଛି । ଟ୍ରୁଡୋଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ବିବାଦୀୟ ହୋଇ ପଡିଥିବାରୁ ବିପକ୍ଷରେ ଥିବା କନଜରଭେସନ ଦଳ ଏଥର ନିର୍ବାଚନରେ ଜିତିବାର ଅଧିକ ସମ୍ଭାବନା ରହିଛି । ନର୍ବାଚନରେ କନଜରଭେସନ ଦଳ ଜିତିଲେ ପିଏର ପୋଲିଏଭ୍ରେ କାନାଡାର ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ସେ ପ୍ରଧାନମନ୍ତ୍ରୀ ହେଲେ ଭାରତ ସହ ଥିବା ତିକ୍ତ ସମ୍ପର୍କରେ ପୁଣି ସୁଧାର ଆସିବ ବୋଲି ଆଶା କରାଯାଉଛି । ସୂଚନା ଥାଉକି, ଆସନ୍ତା ନିର୍ବାଚନରେ ଜିତିବା ପାଇଁ ଟ୍ରୁଡୋ ଖଲିସ୍ତାନି ବିଚ୍ଛିନତାବାଦୀମାନଙ୍କୁ ସମର୍ଥନ କରୁଛନ୍ତି । ଏହି ପରିପ୍ରେକ୍ଷିରେ ଖଲିସ୍ତାନି ବିଚ୍ଛିନତାବାଦୀ ଗୁରୁପତଓ୍ୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ଉଦ୍ୟାମ ମାମଲାରେ ଭାରତର ହାତ ରହିଥିବା ନେଇ ଟ୍ରୁଡୋ ସର୍ବସମ୍ମୁଖରେ ଘୋଷଣା କରିଥିଲେ । ଯାହାକୁ ଖଣ୍ଡନ କରିଥିଲା ଭାରତ । କାନାଡାର ଏଭଳି ଖୋଲାଖୋଲି ଅଭିଯୋଗ କରିବା ବୈଦେଶକ ନୀତି ବାହାରେ ବୋଲି ଭାରତ କହିଥିଲା । ଏହାପର ଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଯାଇଛି ।

# ଏସିଆ ମହାଦେଶରେ ଶିଶୁ ସଙ୍କଟ

**ନୂଆଦିଲ୍ଲୀ,୫।୧୨:** ସିଙ୍ଗାପୁର ସହ ଏସିଆର ଅନେକ ଦେଶ ନିଶ୍ଚିହ୍ନ ହେବାକୁ ଯାଉଛି । ସାମାଜିକ ଗଣମାଧ୍ୟମ ଏକ୍ସରେ କିଛି ଏହିଭଳି ପୋଷ୍ଟ କରିଛନ୍ତି ଟେସଲା ମାଲିକ ଏଲନ ମସ୍କ । ଏସିଆ ମହାଦେଶର ଅନେକ ଛୋଟବଡ଼ ଦେଶରେ ଜନ୍ମହାର କମୁଛି । ଏନେଇ ନିକଟରେ ପ୍ରକାଶିତ ସିଙ୍ଗାପୁର ବେବି କ୍ରାଇସିସ(ଶିଶୁ ସଙ୍କଟ) ନାମକ ଏକ ରିପୋର୍ଟରେ ପ୍ରତିକ୍ରିୟା ଦେଇ ଏଭଳି ମସ୍କ ଏଭଳି ଭୟଙ୍କର ଭବିଷ୍ୟବାଣୀ କରିଛନ୍ତି। ସାଉଥ କୋରିଆ, ଜାପାନ, ହଂକଂ, ଚାଇନା ସହ ଭାରତରେ ମଧ୍ୟ ଶିଶୁ ଜନ୍ମହାର ବହୁଳ ପରିମାଣରେ ହ୍ରାସ ହୋଇଥିବା ଦେଖିବାକୁ ମିଳୁଛି । ସିଙ୍ଗାପୋର ସରକାର ଦେଶରେ ଜନ୍ମହାର ବୃଦ୍ଧି କରିବାକୁ ସେଠାକାର ମହିଳା ମାନଙ୍କୁ ଅଧିକରୁ ଅଧିକ ପିଲା ଜନ୍ମ କରିବାକୁ ପ୍ରୋତ୍ସାହିତ କରୁଛନ୍ତି । ସେପଟେ ଜନସଂଖ୍ୟାର ଅଭାବ ଯୋଗୁ ମଣିଷ ଜାଗାରେ ଏବେ ସେଠାରେ କାମ କରୁଛନ୍ତି ରୋବଟ । ୧୯୭୦ ମସିହା ସୁଦ୍ଧା ସାଉଥକୋରିଅ।, ଜାପାନ ଓ ଚାଇନା ଭଳି ଦେଶରେ ଶିଶୁ ଜନ୍ମହାର ପ୍ରତି ମହିଳା ପିଛା ହାରାହାରି ୫ ରହିଥିଲା । କିନ୍ତୁ ବର୍ତ୍ତମାନ ଏହି ସବୁ ଦେଶଗୁଡ଼ିକରେ ଶିଶୁ ଜନ୍ମହାର ପ୍ରତି ମହିଳା ପିଛା ୧ରୁ କମ୍ ରହିଛି । ତେବେ ବିଗତ ୭୦ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ପ୍ରଜନନ ହାର ୫୦ ପ୍ରତିଶତକୁ ହ୍ରାସ ପାଇଛି । ଶିଶୁ ଜନ୍ମହାରରେ ଦ୍ରୁତ ହ୍ରାସ ସାଉଥ କୋରିଆ, ଜାପାନ ଓ ସିଙ୍ଗାପୁର ପାଇଁ ଚିନ୍ତାର କାରଣ ପାଲଟିଛି । ସାଉଥ କୋରିଆରେ ପ୍ରଜନନ ହାର ପ୍ରତି ମହିଳା ପିଛା ୦.୭୨ ଭଳି ସର୍ବନିମ୍ନ ସ୍ତରକୁ ଖସି ଆସିବା ସହ ସିଙ୍ଗାପୁରରେ ପ୍ରଜନନ ହାର ୦.୯୭ ପ୍ରତିଶତ ରହିଛି । ଯେହେତୁ ଜାପାନରେ ୧୯୪୭ ମସିହାରୁ କ୍ରମାଗତ ଭାବେ ପ୍ରଜନନ ହାର କମ୍ ରହୁଛି, ତେଣୁ ବର୍ତ୍ତମାନ ସେଠାରେ ବୟସ୍କଙ୍କ ସଂଖ୍ୟା ଅଧିକ ହୋଇଗଲାଣି । କେହି କେହି ଜାପାନକୁ ବୟସ୍କ ଲୋକଙ୍କ ଦେଶ ବୋଲି କହୁଛନ୍ତି ।

ବିଗତ କିଛି ବର୍ଷ ମଧ୍ୟରେ ଦକ୍ଷିଣ କୋରିଆରେ ଅର୍ଥନୈତିକ ଚାପ ବଢ଼ିବା ସହ ରିୟଲଇଷ୍ଟେଟ୍ ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି । ମହଙ୍ଗା ମାର୍କେଟ୍ ସ୍ଥିତିରେ ସେଠାକାର ଯୁବପିଢ଼ି ଶୀଘ୍ର ବିବାହ କିମ୍ବା ପିଲା ଜନ୍ମ କରିବାକୁ ରାଜି ହେଉ ନାହାନ୍ତି । ବିଶେଷ କରି ୨୦ ରୁ ୩୦ ବର୍ଷ ମଧ୍ୟରେ ଯୁବପିଢ଼ି ବିବାହ କରିବାକୁ କିମ୍ବା ବାପାମା ହେବାକୁ ନାପସନ୍ଦ କରୁଛନ୍ତି । ଯଦି ନିୟମିତ ଭାବେ ଏହି ଧାରା ଜାରି ରହିଲା ତେବେ ୨୧୦୦ ମସିହା ବେଳକୁ ଦକ୍ଷିଣ କୋରିଆର ଜନସଂଖ୍ୟା ବର୍ତ୍ତମାନ ଠାରୁ ଅଧା ହୋଇଯିବ ବୋଲି ବିଶେଷଜ୍ଞମାନେ କହିଛନ୍ତି । ତେଣୁ ଦକ୍ଷିଣ କୋରିଆରେ ଜନସଂଖ୍ୟା ବୃଦ୍ଧି କରିବାକୁ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଆଜିଠୁ ଆଡିଲେଡ୍‌ରେ ଦିବାରାତ୍ର ଟେଷ୍ଟ

## ଓପନ୍ କରିବେ ରାହୁଲ, ମଧ୍ୟମକ୍ରମରେ ବ୍ୟାଟିଂ କରିବେ ରୋହିତ

**ଆଡିଲେଡ୍,୫।୧୨:** ଚଳିତ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲିଠାରୁ ଆଡିଲେଡରେ ଆରମ୍ଭ ହେବ। ଦିବା-ରାତ୍ର ଏହି ମ୍ୟାଚରେ ସକାଳ ୯ଟାରେ ପଡିବ ଟସ୍ ଆଉ ୯.୩୦ରେ ଆରମ୍ଭ ହେବ।

ପର୍ଥରେ ପ୍ରଥମ ମ୍ୟାଚ୍ ୨୯୫ ରନ୍‌ରେ ଜିତିବା ଭାରତୀୟ ଦଳର ମନୋବଳ ଦୃଢ ଅଛି ଆଗକୁ ଆଡିଲେଡ୍ ଟେଷ୍ଟ ଜିତି ସିରିଜ ୨-୦ରେ ଆଗୁଆ ରହିବାକୁ ଚେଷ୍ଟା କରିବ। ଟିମ୍ ଇଣ୍ଡିଆ। ଅଡେଲେଡ୍ ପହଞ୍ଚିବା ପରେ ଭାରତୀୟ ଟିମ୍‌କୁ ଜୋରଦାର ସ୍ୱାଗତ କରିଥିଲେ ଫ୍ୟାନ୍ସ ବ୍ୟାରିକେଡ୍ ଭିତରେ ରହିଛି।

ଅଷ୍ଟ୍ରେଲିଆ ତା'ର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଖେଳାଳିଙ୍କ ନାଁ ଘୋଷଣା କରିଛି। ଏଥିରେ ଦଳ ଗୋଟିଏ ବଡ଼ ପରିବର୍ତ୍ତନ କରିଛନ୍ତି। ଜୋଶ ହାଜେଲଉଡ୍ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ତାଙ୍କ ବଦଳରେ ଦଳରେ ସ୍ଥାନ ପାଇଛନ୍ତି ପେସ୍ ବୋଲର ସ୍କଟ ବୋଲାଣ୍ଡ। ଯଶପ୍ରୀତ ବୁମରାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ। ପର୍ଥରେ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୨୯୫ ରନ୍ରେ ହରାଇଥିବା ବେଳେ ଦ୍ୱିତୀୟ ଟେଷ୍ଟ ପାଇଁ ଦଳକୁ ଫେରିଛନ୍ତି ଅଧିନାୟକ ରୋହିତ ଶର୍ମା। ସେ ଦଳକୁ ଫେରିବା ପରେ କେଏଲ ରାହୁଲ କେତେ ନମ୍ବରରେ ଖେଳିବେ, ତାକୁ ନେଇ ଆରମ୍ଭ ହୋଇଯାଇଥିଲା ଚର୍ଚ୍ଚା। ତେବେ ଆଜି ଏସବୁ ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଅଧିନାୟକ ରୋହିତ ଶର୍ମା। ଆଡିଲେଡରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରୋହିତ ଶର୍ମା କହିଛନ୍ତି ଯେ କେଏଲ ରାହୁଲ ଓ ଯଶସ୍ୱୀ ଜୈସୱାଲ ଓପନିଂ କରିବେ। ସେ ମିଡିଲ୍ ଅର୍ଡରରେ କୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ। ଏହା ତାଙ୍କ ପାଇଁ ସହଜ ହେବ ନାହିଁ। କିନ୍ତୁ ଏହା ଦଳ ପାଇଁ ଭଲ ହେବ। ସେହିପରି ତୃତୀୟ ସ୍ଥାନରେ ଶୁବମିନ୍ ଗିଲ୍ ବ୍ୟାଟିଂ କରିବେ। ଫଳରେ ପଡିକଲଙ୍କୁ ବସିବାକୁ ପଡ଼ିବ। ଅନ୍ୟପକ୍ଷରେ ୱିକେଟକିପର ଧ୍ରୁବ ଜୁରେଲଙ୍କୁ ମଧ ବସିବାକୁ ପଡ଼ିପାରେ। ସେହିପରି ସ୍ପିନରଙ୍କ ମଧ୍ୟରୁ ଜାଡେଜା ଓ ଅଶ୍ୱିନୀଙ୍କୁ ଏଥର ସୁଯୋଗ ମିଳିପାରେ। ଏପରିହେଲେ ଚୂଡ଼ାନ୍ତ ଏକାଦଶ କିଭଳି ହେବ ଦେଖିବାକୁ ବାକି ରହିଲା। ବୋଲିଂ ବିଭାଗରେ ବୁମରା, ସିରାଜ ଓ ହର୍ଷିତ ରାଣା ଖେଳିବେ। ସେହିପରି ନିତିଶ ରେଡ୍ଡୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ କି ନାହିଁ ତାହା ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ପାଠ।





ଗତ ୧୮ ମାସରେ ଆଡିଲେଡ୍ ଟେଷ୍ଟ ହେବ ଅଷ୍ଟ୍ରେଲିଆ ପକ୍ଷରୁ ସ୍କଟ ବୋଲାଣ୍ଡଙ୍କ ପ୍ରଥମ ମ୍ୟାଚ୍। ଶେଷ ଥର ପାଇଁ ୨୦୨୩ରେ ଇଂଲଣ୍ଡ ବିପକ୍ଷରେ ସମ୍ମାନଜନକ ଆଶେସ ସିରିଜ୍ ଖେଳିଥିଲେ ୩୫ ବର୍ଷୀୟ ବୋଲାଣ୍ଡ। ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଜୋଶ ହାଜେଲଉଡ୍ ଆହତ ହୋଇଥିଲେ। ଅଧିନାୟକ ପାଟ କମିନ୍ସ କହିଛନ୍ତି ଯେ ବୋଲାଣ୍ଡଙ୍କୁ ଦଳରେ ପାଇ ସେମାନେ ଖୁସି ଅଛନ୍ତି।ଅନ୍ୟପକ୍ଷରେ ପର୍ଥ ଟେଷ୍ଟ ବେଳେ ପିଠି ମାଂସପେଶୀରେ ସମସ୍ୟା ଦେଖା ଦେଇଥିଲେ ମଧ ମିଚେଲ ମାର୍ଶଙ୍କୁ ଦଳ ଦ୍ୱିତୀୟ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେଇଛି। ସେ ଆଡିଲେଡ୍ ଟେଷ୍ଟରେ ବୋଲିଂ କରିବାକୁ ଫିଟ୍ ଅଛନ୍ତି ବୋଲି କହିଛନ୍ତି ଅଧିନାୟକ ପାଟ୍ କମିନ୍ସ।

ଭାରତ ବିପକ୍ଷ ଆଡିଲେଡ୍ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଟିମରେ ଉସମାନ ଖୱାଜା, ନାଥନ ମ୍ୟାକସୱିନୀ, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କେରୀ (ୱିକେଟ କିପର), ପାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲିୟନ ଓ ସ୍କଟ ବୋଲାଣ୍ଡ।

# ଚାମ୍ପିୟନ୍ସ ଟ୍ରଫି ନେଇ ସମୟ ଗଡ଼ାଇଲା ଆଇସିସି

**ନୂଆଦିଲ୍ଲୀ,୫।୧୨(ଏଜେନ୍ସି):** ଚାମ୍ପିୟନ୍ସ ଟ୍ରଫି ୨୦୨୫ର ନିଷ୍ପତ୍ତିକୁ ଅପେକ୍ଷା ଆହୁରି ବଢିଯାଇଛି। ଆଇସିସି ବୈଠକକୁ ସ୍ଥଗିତ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ବୈଠକ ଗୁରୁବାର ପରିବର୍ତ୍ତେ ଶନିବାର ଅନୁଷ୍ଠିତ ହେବ। ଇତି ମଧ୍ୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ପାକିସ୍ତାନ କ୍ରିକେଟ ବୋର୍ଡ ହାଇବ୍ରିଡ୍ ମଡେଲକୁ ଅନୁସରଣ କରିବା ପାଇଁ ଗୋଟିଏ କିମ୍ବା ଦୁଇଟି ନୁହେଁ ବରଂ ଅନେକ ସର୍ତ୍ତ ରଖିଥିଲା। ତେବେ ପିସିବିର ସମସ୍ତ ସର୍ତ୍ତକୁ ଆଇସିସି ପ୍ରତ୍ୟାଖ୍ୟାନ କରିଛି ବୋଲି ରିପୋର୍ଟରେ ଦାବି କରାଯାଇଛି।

ଜୟ ଶାହ ନିକଟରେ ଆଇସିସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚାମ୍ପିୟନ୍ସ ଟ୍ରଫି ପ୍ରସଙ୍ଗରେ ଗୁରୁବାର ଆଇସିସିର ବୈଠକ ବସିବାର ଥିଲା। କିନ୍ତୁ ଏବେ ଏହି ବୈଠକ ଆଗକୁ ବଢ଼ିଛି ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଶନିବାର ଏହି ବୈଠକ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ତେଣୁ ଭାରତ ଓ ପାକିସ୍ତାନ ସମେତ ସବୁ ଦେଶର କ୍ରିକେଟପ୍ରଶଂସକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ। ଏହା ସହ ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ପିସିବିକୁ ହାଇବ୍ରିଡ୍ ମଡେଲ ଭାବେ ବିଚାର କରିବାକୁ ଆଇସିସି ଶେଷ ଚେତାବନୀ ଦେଇଛି।

ପୂର୍ବରୁ ହାଇବ୍ରିଡ୍ ମଡେଲ ପାଇଁ ପିସିବି ପ୍ରସ୍ତୁତ ନଥିଲା। କିନ୍ତୁ ଏବେ ତାଙ୍କ ପାଖରେ କୌଣସି ବିକଳ୍ପ ନାହିଁ କ୍ରିକବଜ୍ ର ଏକ ରିପୋର୍ଟ ଅନୁଯାୟୀ, ପିସିବି ହାଇବ୍ରିଡ୍ ମଡେଲକୁ ଗ୍ରହଣ କରିବା ପାଇଁ ଆଇସିସି ନିକଟରେ ଅନେକ ସର୍ତ୍ତ ରଖିଥିଲା। ତାଙ୍କର ପ୍ରଥମ ସର୍ତ୍ତ ଥିଲା ଭାରତ ବିଷୟରେ ପିସିବି କହିଛି ଯେ ଭାରତରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟଉପରେ ମଧ ସମାନ ନିୟମ ଲାଗୁ ହେବା ଉଚିତ। କିନ୍ତୁ ଏହାକୁ ଅସ୍ୱୀକାର କରାଯାଇଥିଲା। ପିସିବି ମଧ ସର୍ତ୍ତ ରଖିଥିଲା ଯେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖାଯିବ ନାହିଁ। ଏହା ଦ୍ୱାରା ପାକିସ୍ତାନ ଦଳ ନିଜର ସମସ୍ତ ଗ୍ରୁପ୍ ମ୍ୟାଚ୍ ଘରୋଇ ପଡ଼ିଆରେ ଖେଳିପାରିବ।

# ଦିବ୍ୟାଙ୍ଗମାନଙ୍କ ଦ୍ୱାରା କ୍ରିକେଟ ମ୍ୟାଚ




ଭବାନୀପାଟଣା : କଳାହାଣ୍ଡି ଜିଲ୍ଲା ମ ରାମପୁର ଦୁର୍ଗା ମାଧବ ଉଚ୍ଚବିଦ୍ୟାପୀଠ ଖେଳ ପଡିଆରେ ଭିନ୍ନକ୍ଷମ ମାନଙ୍କ ପକ୍ଷରୁ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ମ ରାମପୁର ବନାମ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ରେ ମ ରାମପୁର ଭୀମଭୋଇ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନ ୭ ରନ ରେ ବିଜୟୀ ହୋଇଥିଲା। ଏହି କ୍ରିକେଟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ମ ରାମପୁର ଫରେଷ୍ଟ ରେଞ୍ଜ ର ଅସିତ ଦାସ, ମୁଖ୍ୟ ବକ୍ତା ପଦ୍ମ ଲୋଚନ ମିଶ୍ର, ସଂମ୍ମାନିତ ଅତିଥି ହିତେନ୍ଦ୍ର ମହାନ୍ତି, ଯୋଗ ଦେଇଥିଲେ। ଉଦଘୋଷକ ଭାବେ ସୁଶାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ଏଥି ସହିତ ମିନେଶ ସାହୁ ଓ ସୁଶ୍ରୀ ସାହୁ ପୁରସ୍କାର ବିତରଣ ର ଦାୟିତ୍ୱ ନେଇଥିଲେ। ଭୀମଭୋଇ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନ ସମ୍ପାଦିକା ଟୁନି ପଣ୍ଡା ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଅସିତ ଦାସ ଏହା କୁ ଭିନ୍ନ ଧରଣର ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟ ବକ୍ତା ଏହାକୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହି କ୍ରିକେଟ ମ୍ୟାଚ ଦ୍ୱିତୀୟ ଥର ପାଇଁ କଳାହାଣ୍ଡିରେ ହୋଇଯାଇଛି।ଏହି ମ୍ୟାଚ ଦେଖିବା ପାଇଁ ବହୁ ସଂଖ୍ୟା ରେ ଜନସାଧାରଣ ଉପସ୍ଥିତ ରହିଥିଲେ।

# ଡେ-ନାଇଟ୍ ଟେଷ୍ଟ ମ୍ୟାଚ୍‌ରେ ନଂ-୧ ବୋଲର କିଏ?

ନୂଆଦିଲ୍ଲୀ,୫।୧୨: ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଛି ଡେ-ନାଇଟ୍ ଟେଷ୍ଟ ମ୍ୟାଚ୍। ଡିସେମ୍ବର ୬ରୁ ଆଡିଲେଡରେ ହୋଇଛି ଆରମ୍ଭ ଡେ-ନାଇଟ୍ ଟେଷ୍ଟରେ ଅଷ୍ଟ୍ରେଲିୟ ଟିମର ରହିଛି ଏକ ଚମତ୍କାର ରେକର୍ଡ। ଏହି ଟିମ୍ ୧୨ଟି ଡେ-ନାଇଟ ମ୍ୟାଚରୁ ୧୧ଟି ମ୍ୟାଚ ଜିତିଛି, ଆଉ ମାତ୍ର ୧ ଟେଷ୍ଟ ମ୍ୟାଚ ହାରିଛି। ଭାରତ ୪ଟି ଡେ-ନାଇଟ୍ ଟେଷ୍ଟ ମ୍ୟାଚରୁ ୩ଟି ଜିତିଛି ଏବଂ ଗୋଟିଏରେ ହୋଇଛି ପରାଜୟ। ଅଷ୍ଟ୍ରେଲିଆକୁ ପରାଜୟର ସ୍ୱାଦ ଚଖାଇଥିଲା ଭାରତ।

ତେବେ ଡେ-ନାଇଟ ଟେଷ୍ଟ ମ୍ୟାଚରେ ନମ୍ବର ୧ ବୋଲର ହେଉଛନ୍ତି ମିଚେଲ ଷ୍ଟାର୍କ। ଏହି ପ୍ଲେୟର ପିଙ୍କ ବଲରେ ମାତ୍ର ୧୮.୭୧ ଆଭରେଜରେ ନେଇଛନ୍ତି ୬୬ଟି ୱିକେଟ। ଏହାପଛକୁ ଅଛନ୍ତି ନାଥନ୍ ଲାୟନ। ସେ ପିଙ୍କ ବଲରେ ନେଇଛନ୍ତି ୪୩ଟି ୱିକେଟ୍ ।

ସେହିପରି ପ୍ୟାଟ୍ କମିନ୍ସ ମଧ ଡେ-ନାଇଟ୍ ଟେଷ୍ଟ ମ୍ୟାଚରେ ୩୭ଟି ୱିକେଟ୍ ନେଇଛନ୍ତି। ଡେ-ନାଇଟ୍ ଟେଷ୍ଟ ମ୍ୟାଚରେ ଭାରତ ପାଇଁ ସର୍ବାଧିକ ନେଇଛନ୍ତି ଅଶ୍ୱିନୀ । ସେ ସର୍ବାଧିକ ନେଇଛନ୍ତି ୧୮ ୱିକେଟ୍ । ତେବେ ଜସପ୍ରୀତ ବୁମରା ଆଡିଲେଡରେ ଅଶ୍ୱିନଙ୍କୁ ଟିପବାକୁ ସୁଯୋଗ ରହିଛି ତାଙ୍କ ନାଁରେ ରହିଛି ୧୦ଟି ୱିକେଟ । ଯଦିଓ ଅଶ୍ୱିନ୍ ଦ୍ୱିତୀୟ ଟେଷ୍ଟ୍ ଖେଳନ୍ତି ତେବେ ବୁମରା ୨ ନମ୍ବରରେ ରହିବେ।

# ୧୫ରୁ ସୋଆରେ ଓଡ଼ିଶା ଓପନ୍ ଏବଂ ଆନ୍ତର୍ଜାତିକ ଗ୍ରାଣ୍ଡ ମାଷ୍ଟର ଚେସ୍

ଭୁବନେଶ୍ୱର,୫।୧୨: ଆସନ୍ତା ଡିସେମ୍ବର ୧୫ ତାରିଖରୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଓଡ଼ିଶା ଓପନ୍ ଏବଂ ୧୫ତମ ଆନ୍ତର୍ଜାତିକ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ୮ ଦିନ ଧରି ହେଉଥିବା ଏହି ପ୍ରତିଯୋଗିତାରେ ୨୫ଟି ଦେଶର ପ୍ରାୟ ୭୦୦ ପ୍ରତିଯୋଗୀ ୩ ଟି ବିଭିନ୍ନ କ୍ୟାଟେଗୋରୀରେ ଭାଗ ନେବେ।




ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ସୋଆ, ରୋଟାରୀ ଇନ୍‌ଟରନ୍ୟାସ୍‌ନାଲ ଏବଂ ଏମ୍‌ପ୍ରିଓ ଗ୍ରୁପ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଂଟରେ ମୋଟ ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ରଖାଯାଇଛି ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଂଟର ଅର୍ଗାନାଇଜିଂ ଚେୟାରମ୍ୟାନ୍ ଡାକ୍ତର ଅବିନାଶ ସାମଲ୍ କହିଛନ୍ତି।

ଏଓସିଏର ସଚିବ ତଥା ଟୁର୍ଣ୍ଣାମେଂଟର ନିର୍ଦ୍ଦେଶକ ଥିବା ଶ୍ରୀ ଭଟ୍ଟ ଏହି ଅବସରରେ କହିଛନ୍ତି ଯେ 'ଏ' କ୍ୟାଟେଗୋରୀରେ ୧୯୦୦ କିମ୍ବା ତଦୁର୍ଦ୍ଧ ଏଲୋ ରେଟିଂ ଥିବା ପ୍ରାୟ ୧୨୦ ଜଣ ଖେଳାଳୀ ଭାଗ ନେଉଥିବା ବେଳେ କ୍ୟାଟେଗୋରୀ 'ବି'ରେ ୧୯୦୦ ରୁ କମ୍ ଏଲୋ ରେଟିଂ ଥିବା ଖେଳାଳୀ ଏବଂ କ୍ୟାଟେଗୋରୀ 'ସି'ରେ ୧୬୦୦ ଏଲୋ ରେଟିଂରୁ କମ୍ ଥିବା ଖେଳାଳୀ ପ୍ରତିଯୋଗିତାରେ ସାମିଲ ହେବେ। କ୍ୟାଟେଗୋରୀ 'ଏ'ର ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରହିଥିବା ବେଳେ ସର୍ବାଧିକ ପୁରସ୍କାର ସାଢ଼େ ୫ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି କ୍ୟାଟେଗୋରୀ 'ବି' ଏବଂ କ୍ୟାଟେଗୋରୀ 'ସି' ନିମନ୍ତେ ସାଢ଼େ ସାତ ଲକ୍ଷ ଟଙ୍କା ଲେଖାଏଁ ରଖାଯାଇଥିବା ସେ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୋଆର ଛାତ୍ର ମଙ୍ଗଳ ଡିନ୍ ତଥା ଅର୍ଗାନାଇଜିଂ କମିଟିର ସହ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସୋଆର ସ୍ପନ୍ସରଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲଟାନ୍ସି (ଏସ୍‌ଆର୍‌ଆଇସି)ର ଡିନ୍ ପ୍ରଫେସର ପି.କେ. ପାତ୍ର, ଏଓସିଏର କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଇନ୍‌ଟରନ୍ୟାସ୍‌ନାଲ୍ ଆର୍‌ବିଟର ତାପସ କୁମାର ମହାନ୍ତି, ଏଓସିଏର ଏକ୍‌ଜିକ୍ୟୁଟିଭ୍ କମିଟିର ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ସୋଆର ଦ୍ୱିତୀୟ କ୍ୟାମ୍ପସ୍‌ରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଂଟରେ ବର୍ତ୍ତମାନ ସୁଦ୍ଧା ବୋସ୍‌ନିଆ, କଲମ୍ବିଆ, ଫ୍ରାନ୍ସ, କାଜାକସ୍ତାନ, ପାରାଗୁଏ, ୟୁଏସ୍‌ଏ, ଭିଏତନାମ୍, ବେଲାରୁସ, ଇଜିପ୍ଟ, ଫିଲିପାଇନ୍ସ, ଋଷିଆ, ସ୍ଲୋଭାକିଆ ଓ ଭାରତର ଚେସ୍ ଖେଳାଳୀମାନେ ଭାଗ ନେବେ। ଏମାନଙ୍କ ମଧ୍ୟରୁ ୭୦ ଜଣ ପ୍ରତିଯୋଗୀ ଟାଇଟଲ୍ ହୋଲ୍‌ଡର ବୋଲି ଶ୍ରୀ ଭଟ୍ଟ କହିଛନ୍ତି।

# ରାଜ୍ୟଗୋଷ୍ଠୀ କରାଟେ: ଓଡ଼ିଶା ଖେଳାଳିଙ୍କ ଐତିହାସିକ ସଫଳତା

ଭୁବନେଶ୍ୱର,୫।୧୨: ଦକ୍ଷିଣ ଆଫ୍ରିକାର ଡର୍ବାନରେ ଆୟୋଜିତ ଏକାଦଶ ରାଜ୍ୟଗୋଷ୍ଠୀ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ୪ ସ୍ୱର୍ଣ୍ଣ, ୨ ରେପ୍ୟ ଓ ୫ କାଂସ୍ୟ ସହ ମୋଟ ୧୧ ପଦକ ଜିତି ଇତିହାସ ରଚିଛନ୍ତି। ସୁରୋମିତା ସିହ୍ନା ବ୍ୟକ୍ତିଗତ ଓ ଦଳଗତ କାଟାରେ ସ୍ୱର୍ଣ୍ଣ ପଦକ ଜିତି ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ରାଜ୍ୟ ଓ ଜାତୀୟ କରାଟେ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ଏହି ପ୍ରତିଯୋଗିତାରେ ୧୬ଜଣ ଓଡ଼ିଆ। କରାଟେକା ଭାରତୀୟ ଦଳର ପ୍ରତିନିଧିତ୍ୱ କରୁଥିଲେ।

ପଦକ ଜିତିଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଶୁଭକାନ୍ତ ବିଶ୍ୱାଳ ୧୨ ବର୍ଷରୁ କମ୍ କୁମିତେ ସ୍ୱର୍ଣ୍ଣ, ଭାଲିନା ଭାଲେଣ୍ଟିନା-ସୁରୋମିତା ସିହ୍ନା ବରିଷ୍ଠ ମହିଳା କାଟା ଦଳଗତ ସ୍ୱର୍ଣ୍ଣ, ସୁରୋମିତା ସିହ୍ନା ୨୧ବର୍ଷରୁ କମ୍ ମହିଳା ବ୍ୟକ୍ତିଗତ କାଟା ସ୍ୱର୍ଣ୍ଣ, ଆଲିସା ସୁବୁଦ୍ଧି କ୍ୟାଡେଟ୍ ବ୍ୟକ୍ତିଗତ ବାଳିକା କାଟା ସ୍ୱର୍ଣ୍ଣ, ପୁଲକ ପାଢ଼ୀ-ସୂର୍ଯ୍ୟପ୍ରକାଶ ଘଡ଼େଇ-ଆର୍ଯ୍ୟବ୍ରତ ବିଶ୍ୱାଳ କନିଷ୍ଠ ପୁରୁଷ ଦଳଗତ କାଟା ରେପ୍ୟ, ପ୍ରିୟଦର୍ଶିନୀ ସାହୁ-ସୁପ୍ରିୟା ମହାନ୍ତି-ଅମେଶୀ ଝା-ତମନ୍ନା ମେହେର କନିଷ୍ଠ ମହିଳା ଦଳଗତ କାଟା ରୌପ୍ୟ, ରିତେଶ ରାୟ ବରିଷ୍ଠ ପୁରୁଷ କୁମିତେ କାଂସ୍ୟ, ଲୋମା ସ୍ୱାଇଁ ବରିଷ୍ଠ ମହିଳା କୁମିତେ କାଂସ୍ୟ, ଭାଲିନା ଭାଲେଣ୍ଟିନା ବରିଷ୍ଠ ମହିଳା କାଟା କାଂସ୍ୟ, ପୁନିତ କୁମାର ମାହାନ୍ତ କ୍ୟାଡେଟ୍ କାଟା କାଂସ୍ୟ, ବେଦାନ୍ତ ଦାସ ୨୧ବର୍ଷରୁ କମ୍ ବ୍ୟକ୍ତିଗତ କାଟା କାଂସ୍ୟ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଅଭିନନ୍ଦନ ଓ ଶୁଭକାମନା ପ୍ରଦାନ କରାଯାଇଛି।

# କୁମାରବସ୍ତ ଲୋକନାଥ କ୍ରିକେଟ୍ : ବାଙ୍କୁଆଳ ଓ ଢ଼େଙ୍କାନାଳ ବିଜୟୀ

ଖୋର୍ଦ୍ଧା,୫।୧୨: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁମାରାବସ୍ତ ଖେଳପଡିଆ ର ଆଜି ଦ୍ୱାଦଶ ଦିବସରେ ପ୍ରଥମ ମ୍ୟାଚ୍ ରେ ବାଙ୍କୁଆଳ ଦଳ ଯଦୁପୁର ଦଳକୁ ୭ ୱିକେଟରେ ପରାସ୍ତ କରିଛି। ଟସ୍ ରେ ଜିତି ପ୍ରଥମେ ଯଦୁପୁର ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୫୫ ରନ କରିଥିଲେ। ଦଳ ପକ୍ଷରୁ ମିର ଆସିଫ ୬୪ ରନ୍ ଓ ଏମ ଡି ତବ୍ରିଜ୍ ୪୧ ରନ୍ କରିଥିଲେ। ଜବାବରେ ବାଙ୍କୁଆଳ ଦଳ ଦିଲୀପ ମହାରଣାଙ୍କ ୬୪ ରନ୍ ବଳରେ ମାତ୍ର ୧୧.୪ ଓଭର ରେ ୩ ୱିକେଟ୍ ହରାଇ ଆବଶ୍ୟକ ୨୫୮ ରନ ସଂଗ୍ରହ କରିନେଇଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ଢ଼େଙ୍କାନାଳ ଦଳ ପି ଇ ସି ଅତ୍ରି ଦଳକୁ ୨୩ ରନ୍ ରେ ପରାସ୍ତ କରିଛି। ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂ କରି ମୃତ୍ୟୁଞ୍ଜୟ ମାନସିଂହ ଙ୍କ ୮୪ ରନ ସହାୟତାରେ ୧୮ ଓଭର ରେ ୧୦ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲେ। ଅତ୍ରି ଦଳର ଦୀପକ ବେହେରା ୪ ୱିକେଟ ନେଇଥିଲେଜବାବରେ ପି ୱାଇ ସି ଅତ୍ରି ଦଳ ୧୭.୪ ଓଭର ରେ ୧୦ ଟି ୱିକେଟ ହରାଇ ମାତ୍ର ୧୫୪ ରନ୍ ରେ ସୀମିତ ରହିଥିଲେ ଦଳ ତରଫରୁ ଦୀପକ ବେହେରା ୩୮ ରନ୍ ଓ କୁଳଦୀପ ପାଇକରାୟ ୩୫ ରନ୍ କରିଥିଲେ।



ଅତିଥି ଏସ କେ ସର୍ଜାନ ପ୍ରଥମ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଦିଲୀପ ମହାରଣାଙ୍କୁ ଏବଂ ଦ୍ୱିତୀୟ ମ୍ୟାଚ୍ ରେ ଅତିଥି ସମାଜସେବୀ ଦିବ୍ୟସିଂହ ପାତ୍ର, ଅବନୀ ସାମନ୍ତରାୟ ଓ ଭ୍ରମରବର ସାମନ୍ତରାୟ ଶ୍ରେଷ୍ଠ ଖେଳାଳି ଭାବେ ମୃତ୍ୟୁଞ୍ଜୟ ମାନସିଂହ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେଖେଳକୁ ଛବି ନାରାୟଣ ସାହୁ , ସାନୁଜ ବିଶ୍ୱାଳ,ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆର୍ସିଂ ପରିଚାଳନା କରିଥିଲେ କାଜଲ ବଳିଆର୍ସିଂ ଓ ଶ୍ରଧାକର୍ ପାତ୍ର ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଂଜନ ବରାଳ,ପ୍ରକାଶ ସାହୁ ,ସିବଦତ ବଡ଼ଜେନା ଓ ସୋଭାକର ପାତ୍ର ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ବନବିହାରୀ ସ୍ୱାଇଁ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ ଓ କମଳ ରାଉତରାୟ ଥିଲେ। ଶୁକ୍ରବାର ଦିନ ପ୍ରଥମ ମ୍ୟାଚ୍ ବାଙ୍କୀ ବନାମ ଯାଆଁଳା ଓ ଦ୍ୱିତୀୟ ମ୍ୟାଚ୍ କଳିଙ୍ଗ ଖୋର୍ଦ୍ଧା ବନାମ ଭାଳିଆବାଡି କ୍ରିକେଟ୍ କ୍ଲବ୍ ମଧ୍ୟରେ ହେବ ବୋଲି ଅମିୟ ପ୍ରଧାନ ଜଣାଇଛନ୍ତି।

# ବ୍ୟାଟିଂରେ ଖସିଲେ ଜୈସ୍ୱାଲ୍, ବୋଲିଂରେ ଟପ୍‌ରେ ବୁମ୍‌ରା

ଦୁବାଇ,୫।୧୨: ପ୍ରକାଶ ପାଇଲା ଆଇସିସି ଟେଷ୍ଟର ବ୍ୟାଟିଂ ଓ ବୋଲିଂ ରାଙ୍କି ଏହି ତାଲିକାରେ ଭାରତୀୟ ଖେଳାଳିଙ୍କ ଅବନତି ହୋଇଛି।ଗତ ସପ୍ତାହରେ ଭାରତୀୟ ଦଳର କୌଣସି ମ୍ୟାଚ୍ ନଥିବାରୁ ଏଭଳି ଅବନତି ଦେଖିବାକୁ ମିଳିଛି।

ପୂର୍ବ ସପ୍ତାହରେ ବ୍ୟାଟିଂ ମାନ୍ୟତା ତାଲିକାର ୨ୟ ସ୍ଥାନରେ ରହିଥିବା ଯଶସ୍ୱୀ ଜୈସ୍ୱାଲ୍ ଚତୁର୍ଥକୁ ଖସିଛନ୍ତି। ତାଙ୍କ ସ୍ଥାନ ମାଡ଼ି ବସିଛନ୍ତି ଇଂଲଣ୍ଡର ହ୍ୟାରୀ ବ୍ରୁକ୍। ସେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ୧୭୧ ରନ୍‌ର ଇନିଂସ ଖେଳିଥିଲେ। ଏହି ଶତକ ତାଙ୍କୁ ମାନ୍ୟତା ତାଲିକାର ୨ୟ ସ୍ଥାନରେ ପହଞ୍ଚାଇ ଦେଇଥିଲା।ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି ଇଂଲଣ୍ଡ ବ୍ୟାଟର ଜୋ ରୁଟ୍ । ଜୋ ରୁଟ୍ ଉକ୍ତ ଟେଷ୍ଟରେ ଯଥାକ୍ରମେ ୦ ଓ ୨୩ ରନ୍ ସଂଗ୍ରହ କରିଥିଲେ। ତଥାପି ତାଙ୍କ ମାନ୍ୟତା ପ୍ରଭାବିତ ହୋଇନଥିଲା। ସେ ପୂର୍ବପରି ଶୀର୍ଷ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଥିଲେ। ଏବେ ରୁଟ୍ ଓ ବ୍ରୁକ୍‌ଙ୍କ ମଧ୍ୟରେ ୪୧ ପଏଣ୍ଟର ବ୍ୟବଧାନ ରହିଛି ରୁଟ୍ ୮୯୫ ଓ ବ୍ରୁକ୍ ୮୫୪ ପଏଣ୍ଟ ଅର୍ଜନ କରିଛନ୍ତି। ନ୍ୟୁଜିଲାଣ୍ଡର କେନ ୱିଲିୟମସନ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ସେ ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୯୩ ଓ ୬୧ ରନ୍‌ର ଇନିଂସ ଖେଳିଥିଲେ। ଜୈସ୍ୱାଲଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଭାବେ ରିଷଭ ପନ୍ତ ଶ୍ରେଷ୍ଠ ୧୦ ମଧ୍ୟରେ ସ୍ଥାନ ବଜାୟ ରଖିଛନ୍ତି ସେ ଷଷ୍ଠ ସ୍ଥାନ ବଜାୟ ରଖିଛନ୍ତି।

ସେହିପରି ପର୍ଥ ଟେଷ୍ଟରେ ଶତକ ସତ୍ତ୍ୱେ ବିରାଟ କୋହଲିଙ୍କ ମାନ୍ୟତାରେ ଗୋଟିଏ ସ୍ଥାନ ଅବନତି ହୋଇଛି ଓ ସେ ୧୪ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଶୁଭମନ ଗିଲ୍ ୧୮ ଓ ରୋହିତ ଶର୍ମା ୨୬ ତମ ସ୍ଥାନରେ ରହିଛନ୍ତି।

ଅନ୍ୟପଟେ ବୋଲିଂ ବିଭାଗରେ ଭାରତୀୟଙ୍କ ଆଧିପତ୍ୟ ବଜାୟ ରହିଛି। ଯଶପ୍ରୀତ ବୁମରା ଶୀର୍ଷ ସ୍ଥାନ ବଜାୟ ରଖିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଚତୁର୍ଥ ଓ ରବିନ୍ଦ୍ର ଜାଡେଜା ଷଷ୍ଠ ସ୍ଥାନରେ ରହିଛନ୍ତି। ବାକି ଟପ୍-୧୦ ଅଲରାଉଣ୍ଡର ରାଙ୍କିରେ ଶୀର୍ଷରେ ରହିଛନ୍ତି। ରବିନ୍ଦ୍ର ଜାଡେଜା ୪୨୩ ପଏଣ୍ଟ ସହ ତାଲିକାରେ ଶୀର୍ଷରେ ରହିଥିବା ବେଳେ ମାର୍କ ୟାନସେନ୍ ୨୯୧ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛନ୍ତି। ବାକି ରବିଚନ୍ଦ୍ରନ ଅଶ୍ୱିନୀ ୨୯୦ ପଏଣ୍ଟ ସହ ତୃତୀୟ ସ୍ଥାନ, ସାକିବ ଅଲ୍ ହାସନ ୨୬୯ ପଏଣ୍ଟ ସହ ୪ର୍ଥ ସ୍ଥାନ, ମେହେଦୀ ହସନ ୨୬୯ ପଏମ୍ଟ ସହ ୫ମ ସ୍ଥାନ, ଜାସନ ହୋଲଡର, ୬ଷ୍ଠ ସ୍ଥାନ, ଜୋ ରୁଟ୍ ୭ମ ସ୍ଥାନ, ଅକ୍ଷର ପଟେଲ ୮ମ ସ୍ଥାନ, ପାଟ୍ କମିନ୍ସ ୯ମ ସ୍ଥାନ, କ୍ରିସ୍ ୱୋକ୍ସ ୧୦ମ ସ୍ଥାନରେ ରହିଛନ୍ତି।

# ଜୁନିଅର ପୁରୁଷ ହକିରେ ଭାରତ ଚାମ୍ପିଅନ୍

ନୂଆଦିଲ୍ଲୀ,୫।୧୨(ଏଜେନ୍ସି): ପୁରୁଷ ଜୁନିୟର ହକି ଏସିଆ କପ୍ ଫାଇନାଲରେ ଧୂଳି ଚାଟିଲା ପାକିସ୍ତାନ। ଚୀର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲରେ ମାତ ଦେଇ ରେକର୍ଡ ପଞ୍ଚମ ଥର ପାଇଁ ଜୁନିୟର ହକି ଏସିଆ କପ୍ ଟାଇଟଲ୍ ହାତେଇଛି ଟିମ୍ ଇଣ୍ଡିଆ। ଭାରତ ପକ୍ଷରୁ ଅରିଜିତ ସିଂହ ସର୍ବାଧିକ ୪ଟି ଗୋଲ୍ ଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।ଏହି ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟରର ତୃତୀୟ ମିନିଟରେ ପାକିସ୍ତାନର ହନାନ ସାହିତ ପ୍ରଥମ ଗୋଲ୍ ସ୍କୋର କରି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। କିନ୍ତୁ ଏହାପରେ ଭାରତ ମଧ ତୁରନ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ କ୍ୱାର୍ଟରର ଚତୁର୍ଥ ମିନିଟରେ ଅରିଜିତ ସିଂହ ଏକ ସଫଳ ପେନାଲ୍ଟି କର୍ଣ୍ଣର ସ୍କୋର କରି ସ୍କୋରକୁ ବରାବର ସ୍ଥିତିକୁ ନେଇଥିଲେ।ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଉଭୟ ଭାରତ ଓ ପାକିସ୍ତାନ ୧-୧ ଗୋଲରେ ବରାବର ସ୍ଥିତିରେ ରହିଥିଲେ। ହେଲେ ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ହାସଲ କରିଥିଲା ଭାରତ। ଅରିଜିତ ସିଂହ ପୁଣି ଏକ




ପେନାଲ୍ଟି କର୍ଣ୍ଣରକୁ ସଫଳ କରି ଭାରତକୁ ୨-୧ରେ ଆଗୁଆ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୯ତମ ମିନିଟରେ ଭାରତ ଆଉ ଏକ ଗୋଲ ସ୍କୋର କରିଥିଲା ଦିଲରାଜ ସିଂହ। ଏହି ଗୋଲ୍ ଦେଇ ଭାରତକୁ ୩-୧ ଅଗ୍ରଣୀ କରାଇଥିଲେ ଏହାପରେ ପାକିସ୍ତାନ ପକ୍ଷରୁ ୩୦ତମ ମିନିଟରେ ସୁଫିଆନ୍ ଖାନ୍ ଏକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୩-୨ରେ ଆଗୁଆ ରହିଥିଲା।

ତୃତୀୟ କ୍ୱାର୍ଟରର ୩୯ତମ ମିନିଟରେ ସୁଫିଆନ୍ ଖାନ ପୁନର୍ବାର ପେନାଲ୍ଟି କର୍ଣ୍ଣରକୁ ସଫଳ କରିଥିଲେ। ଏହି କ୍ୱାର୍ଟର ଶେଷ ସୁଦ୍ଧା ଭାରତ ଓ ପାକିସ୍ତାନ ୩-୩ ଗୋଲରେ ବରାବର ସ୍ଥିତିରେ ରହିଥିଲେ। ହେଲେ ଚତୁର୍ଥ କ୍ୱାର୍ଟରରେ ଭାରତ ମ୍ୟାଚ୍‌ନିଂ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ପକ୍ଷରୁ ଅରିଜିତ ସିଂହ ୪୭ତମ ମିନିଟରେ ଗୋଟିଏ ଗୋଲ୍ ଦେଇଥିଲେ। ସେହିପରି ୫୪ତମ ମିନିଟରେ ସେ ଏକ ସଫଳ ପେନାଲ୍ଟି କର୍ଣ୍ଣର ଖେଳି ବିଜୟୀ ଗୋଲ୍ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରି ରେକର୍ଡ ପଞ୍ଚମ ଟାଇଟଲ୍ ହାସଲ କରିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ